### ଖରା ତାତିରୁ ବଢ଼ୁଛି ଜଳକଷ୍ଟ

# ପାଣି ପାଇଁ ସାହିବାସିନ୍ଦାଙ୍କ ରାସ୍ତାରୋକ

କୋଦଳା, ୮ ।୪(ସମିସ)



ବର୍ଷା ଅଭାବରୁ ଚଳିତ ବର୍ଷ ଖରା ଅଧିକ ହେଉଥିବାବେଳେ ଠିକଣା ସମୟ ପୂର୍ବରୁ କୂଅ, ପୋଖରୀ ତଥା ଅନ୍ୟାନ୍ୟ ପାନୀୟ ଜଳ ଉତ୍ସଗୁଡ଼ିକ ଶୁଖିଗଲାଣି। ଏଭଳି ସ୍ଥିତିରେ ପାନୀୟ ଜଳ ଲାଗି ଗ୍ରାମାଞ୍ଚଳ ଲୋକେ ଦହଗଞ୍ଜ ହେଉଛନ୍ତି। ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ କେ. ବରିଡା ପଞ୍ଚାୟତ ଅନ୍ତର୍ଗତ ନିମିନା ଛକରେ ପାନୀୟ ଜଳ ଯୋଗାଣ ପାଇଁ ସାହିବାସିନ୍ଦା ରାସ୍ତାରୋକ କରିଥିଲେ। କେ. ବରିଡା ରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଥିଲେ ମଧ୍ୟ ସେହି ଗ୍ରାମ ନିମିନା ଛକ ସାହିକୁ ଜଳ ଆସିପାରୁ ନାହିଁ। ଦୀର୍ଘ ଦିନ ହେଲା ସେମାନେ ପାନୀୟ ଜଳ ପାଇଁ ଦାବି କରିଆସୁଛନ୍ତି। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଜାରି ରହିଥିଲେ ସୁଦ୍ଧା ପାନୀୟ ଜଳ ଯୋଗାଣ ହୋଇପାରିଲା ନାହିଁ। ଫଳରେ ବାଧ୍ୟ ହୋଇ ସାହିବାସିନ୍ଦା ରାସ୍ତାରୋକ କରିଥିଲେ। ଖବର ପାଇ ବ୍ଲକ ପ୍ରଶାସନ ଓ ବେଗୁନିଆପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। କିନ୍ତୁ ଆନ୍ଦୋଳନକାରି ନଛୋଡବନ୍ଧା ହେବାରୁ ଆସନ୍ତା ମେ ମାସ ପ୍ରଥମ ସପ୍ତାହ ମଧ୍ୟରେ ପାନୀୟ ଜଳ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା। ଏନେଇ ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ତ୍ରିପାଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ସେହି ସାହି ପାଇଁ ସ୍ୱତନ୍ତ୍ର ଭାବେ ଏକ ଟାଙ୍କି ନିର୍ମାଣ ହେବା ସହ ପାଇପ ଲାଇନ କାମ ହୋଇଯାଇଛି। କେବଳ ବିଦ୍ୟୁତ ସଂଯୋଗ ହୋଇ ନାହିଁ ଏହି କାମ ମଧ୍ୟ ଏକ ମାସ ଭିତରେ ସମ୍ପୂର୍ଣ୍ଣ ହୋଇଯିବ ବୋଲି କହିଛନ୍ତି।

## ଗଛକୁ ଧକ୍କାଦେଲା ଯାତ୍ରୀବାହୀ ବସ୍, ୧୫ ଆହତ



**ଭଞ୍ଜନଗର, ୮ ।୪(ସମିସ):** ସୋମବାର ପୂର୍ବାହ୍ନ ସାଢ଼େ ୧୦ଟା ବେଳେ ଭଞ୍ଜନଗର ବସଷ୍ଟାଣ୍ଡରୁ ଟିକ ମିକ୍ ନାମକ ଏକ ଘରୋଇ ବସ ବାଲିପଦର ବୁଗୁଡା ଅଭିମୁଖେ ବାହାରିଥିଲା। କିନ୍ତୁ ୨କିଲୋମିଟର ଅତିକ୍ରମ କରିବା ପରେ ନୂଆ ଗାଁ ବ୍ରିଜ ପାର ହୋଇ ବସଟି ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଗଛକୁ ଧକ୍କା ଦେଇଥିଲା। ସେତେବେଳେ ବସରେ ପ୍ରାୟ ୩୦ଜଣ ଯାତ୍ରୀ ବସିଥିଲେ। ସେଥିରେ କିଛି କଲେଜ ଛାତ୍ରୀ ଓ ଛୋଟ ପିଲା ମଧ୍ୟ ଥିଲେ। ସେଥିମଧ୍ୟରୁ୧୫ଜଣ ଯାତ୍ରୀ ଆହତ ହୋଇ ଥିବା ବେଳେ ଦୁଇ ଜଣ ଗୁରୁତର ହୋଇଛନ୍ତି। ବେଲଗୁଣ୍ଠା ପୁଲିସ ଓ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆହତ ମାନଙ୍କୁ ଭଞ୍ଜନଗର ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ। ଡ୍ରାଇଭରଙ୍କ ଅସାବଧାନତା କାରଣରୁ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି।

## ଗ୍ୟାସ୍ ସିଲିଣ୍ଡର ଫାଟି ୪ ଗୁରୁତର



**ପାତ୍ରପୁର, ୮ ।୪(ସମିସ):** କେ ନୂଆଗାଁ ଥାନା ପାତ୍ରପୁର ବ୍ଲକ ଆମୁଣ୍ଡି ଗ୍ରାମରେ ସୋମବାର ଗ୍ୟାସ ଟ୍ୟାଙ୍କ ଫାଟି ୪ ଜଣ ଗୁରୁତର ହୋଇଥିବା ବେଳେ ୭ ଜଣ ଆହତ ହୋଇଛନ୍ତି। ସମସ୍ତ ଆହାତ ମାନଙ୍କୁ ଚିକିଟି ମେଡିକାଲରେ ଭର୍ତ୍ତି କରାଯାଇ ଥିବା ବେଳେ ଗୁରୁତରଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁସାରେ ଆମୁଣ୍ଡି ଗ୍ରାମର ପ୍ରଶାନ୍ତ ବେହେରାଙ୍କ ସ୍ତ୍ରୀ ରୋଷେଇ କରୁଥିବା ବେଳେ ହଠାତ ଗ୍ୟାସ ଟାଙ୍କିରେ ନିଆ ଲାଗି ଯିବା ସହିତ ଘରର ଛାତ ଉଡିଯାଇଥିଲା। ଫଳରେ ଏଭଳି ଦୁର୍ଘଟଣା ଘଟିଥିଲା। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ରେଳଲାଇନ କଡ଼ରୁ ଅଜଣା ଶବ ଉଦ୍ଧାର

**ରମ୍ଭା, ୮ ।୪(ସମିସ):** ସୋମବାର ରମ୍ଭା ରେଳ ଷ୍ଟେସନ ଗେଟ ପାର୍ଶ୍ୱ ରେଳଲାଇନ କଡ଼ରୁ ଅଜଣା ବୃଦ୍ଧଙ୍କ ଶବ ପଡ଼ିଥିବା ଲକ୍ଷ୍ୟ କରାଯାଇଛି। କେହି କେହି ଏହାକୁ ଦଣ୍ଡୁଆ ଭକ୍ତ ଦର୍ଶାଉଥିବାବେଳେ ଅନ୍ୟ କେହି ବେକରେ କଳା ମାଳିଥିବା କହି ଭିନ୍ନ ରୂପ ବୋଲାଉଥିବା ଜଣାପଡ଼ିଛି। କେବିନି ପାର୍ଶ୍ୱରେ ଅନୀତି ଦୂରରେ ଶବ ପଡ଼ିଥିବା ଯୋଗୁଁ ଚିହ୍ନଟ କରିବା କିମ୍ବା ବିଭାଗୀୟ ଦପ୍ତରୀ ମାନଙ୍କର ତଦାରଖରେ ଶିଥିଳତା ଅନୁଭବ ହେଉଥିବା ଓ ସନ୍ଧ୍ୟା ପର୍ଯ୍ୟନ୍ତ ଶବ ପଡ଼ି ରହିଥିବା ଜଣାପଡ଼ିଛି।

## ନିର୍ବାଚନ ଆଚରଣ ବିଧି କଡ଼ାକଡ଼ି

**ବୁଗୁଡ଼ା, ୮ ।୪(ସମିସ):** ବୁଗୁଡ଼ା ସହରରେ ନିର୍ମାଣାଧୀନ ଅବଦୁଲ୍ କାଲାମ୍ ସାଇନ୍ସ ପାର୍କରେ ଅଙ୍କାଯାଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆବକ୍ଷ ଚିତ୍ରରେ ସୋମବାର ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ଼ ରଙ୍ଗ ଲେପିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ପ୍ରକାଶ ଯେ, ମୁକ୍ତା ଯୋଜନା ଆନୁକୂଲ୍ୟରେ ନିର୍ମାଣାଧୀନ ଉକ୍ତ ସାଇନ୍ସ ପାର୍କ ସଂଲଗ୍ନ ଏକ ପାଚେରୀରେ ନବୀନ ପଟ୍ଟନାୟକଙ୍କ ବିରାଟ ଚିତ୍ର ଅଙ୍କନ କରାଯାଇଥିଲା। ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପରଠୁ ଉକ୍ତ ଚିତ୍ରକୁ ଆବୃତ୍ତ କରାଯାଇଥିଲା। ତେବେ ରବିବାର ଅପରାହ୍ନରେ ହୋଇଥିବା କାଳବୈଶାଖୀ ତାଣ୍ଡବ କାଳରେ ଝଡତୋଫାନ ଯୋଗୁଁ ଘୋଡାଯାଇଥିବା ଜରିପାଲ ଉଡିଯାଇ ଉକ୍ତ ଚିତ୍ର ଅନାବୃତ୍ତ ହୋଇପଡ଼ିଥିଲା। ଏନେଇ ଅଭିଯୋଗ ଅଥବା ଖବର ୧୨୪ ପୋଲସରା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଗଠିତ ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ଼ ନିକଟରେ ପହଞ୍ଚିଥିଲା। ଫଳରେ ସୋମବାର ପୂର୍ବାହ୍ନରେ ବୁଗୁଡ଼ା ପୁଲିସ ଓ ଏନ୍ଏସି କର୍ମଚାରୀଙ୍କ ଉପସ୍ଥିତିରେ ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ଼ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଚିତ୍ରରେ ରଙ୍ଗ ଲେପନ କରାଯାଇ ଚିତ୍ରଟିର ରୂପରେଖ ବଦଳା ଯାଇଥିଲା। ଏଫ୍ଏସଟିର ଏତାଦୃଶ ପଦକ୍ଷେପ ଯୋଗୁଁ ଏଥର ସାଧାରଣ ନିର୍ବାଚନ ଆଚରଣ ବିଧି ପାଳନ ନେଇ ପ୍ରଶାସନ କଡା ଆଭିମୁଖ୍ୟ ଗ୍ରହଣ କରୁଥିବା ନେଇ ସାଧାରଣରେ ଆଲୋଚନା ହେଉଛି।

## ବିଜେଡି ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ସମ୍ବର୍ଦ୍ଧନା



**ପାରଳାଖେମୁଣ୍ଡି, ୮ ।୪ (ସମିସ):** ବିଜେଡିର ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଏବଂ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଇଂ. ରୂପେଶ କୁମାର ପାଣିଗ୍ରାହୀଙ୍କୁ ଲାବାଣ୍ୟଗଡ଼ ଠାରୁ ପାରଳାଖେମୁଣ୍ଡି ସହର ଯାଏଁ ବିପୁଳ ସମ୍ବର୍ଦ୍ଧନା ମଧ୍ୟରେ ସ୍ୱାଗତ କରାଯାଇଥିଲା। ଗୋଷାଣି ବ୍ଲକ ତଥା ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀ ସୀମାନ୍ତ ଲାବାଣ୍ୟଗଡ଼ରେ ପ୍ରଥମେ ଉଭୟ ସାଂସଦ ଏବଂ ବିଧାୟକ ପ୍ରାର୍ଥୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଲାବାଣ୍ୟଗଡ଼ ସ୍ଥିତ ମନ୍ଦିରରେ ଉଭୟ ପ୍ରାର୍ଥୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପରେ ବିଶାଳ ଶୋଭାଯାତ୍ରାରେ ଗାରବନ୍ଧ, ଗୋଷାଣି ଛକ, ଗୁରାଣ୍ଡି, ତାଟିପାଟି, ଭୁଷୁକୁଡି, ମାଛମରା ଛକ, ଉପଲଡା, ସାତମାଇଲ ଛକ, ପାଟିକୋଟା, କତଳକଇଠା ଯାଜପୁର ଦେଇ ପାରଳାଖେମୁଣ୍ଡିରେ ପହଞ୍ଚି ନଗର ପରିକ୍ରମା କରିଥିଲେ। ପ୍ରାୟ ୩୩ କିମି ରାସ୍ତାର ସ୍ଥାନେ ସ୍ଥାନେ ଲୋକେ ଉପସ୍ଥିତ ରହି ସ୍ୱାଗତ କରିଥିବା ବେଳେ ବିଜେଡି ଜିନ୍ଦାବାଦ ନାରାରେ କମ୍ପିଲା ଗ୍ରାମାଞ୍ଚଳ ଠାରୁ ସହରାଞ୍ଚଳ। ଏହା ସହ ଆତସବାଜିରେ ମଧ୍ୟ କମ୍ପିଥିଲା ଅଞ୍ଚଳ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ଟିକେଟ ଦେଇଥିବାରୁ ଧନ୍ୟବାଦ ଅର୍ପଣ କରିବା ସହ ଲୋକଙ୍କ ବିପୁଳ ଜନସମର୍ଥନ ରହିଥିବାରୁ ନିଶ୍ଚିତ ବିଜୟ ହାସଲ କରିବୁ ବୋଲି ଉଭୟ ପ୍ରାର୍ଥୀ କହିଥିଲେ। ଏହା ସହ ଗଜପତି ଜିଲ୍ଲାର ବିକାଶ ଧାରାକୁ ଆହୁରି ବିକଶିତ କରିବାପାଇଁ ବଦ୍ଧପରିକର ବୋଲି କହିଥିଲେ। ପ୍ରାର୍ଥୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ବେଳେ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ କର୍ମୀଙ୍କ ସହ ବହୁ ନେତା ଉପସ୍ଥିତ ଥିଲେ। ଜିଲ୍ଲା ବିଜେଡି ସଭାପତି ଜଗବନ୍ଧୁ ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ବିଜେଡିରେ ନୂତନ ଭାବେ ଯୋଗ ଦେଇଥିବା ପୂର୍ବତନ ବିଧାୟକ କେ.ସୁରିୟା ରାଓ, ରାଜ୍ୟ ସମ୍ପାଦକ ପ୍ରଦୀପ ନାୟକ, ଗୁମ୍ମା, କାଶୀନଗର, ଗୋଷାଣି ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷା, ସମସ୍ତ ସରପଞ୍ଚ ତଥା ଜନ ପ୍ରତିନିଧି, ସ୍ଥାନୀୟ ନେତାଙ୍କ ସମେତ ଜିଲ୍ଲା ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଭଞ୍ଜନଗର ସହରରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ



**ଭଞ୍ଜନଗର, ୮ ।୪(ସମିସ):** ଆସନ୍ତା ନିର୍ବାଚନରେ ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା, କୌଣସି ଅପରାଧିକ କାର୍ଯ୍ୟ କଳାପ ଠାରୁ ଦୂରେଇ ରହିବା ଓ କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିଲେ ପୁଲିସକୁ ସାଙ୍ଗେ ସାଙ୍ଗେ ସୂଚନା ଦେବା ସମ୍ପର୍କରେ ସହରବାସୀଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ସୋମବାର ଭଞ୍ଜନଗର ସହରରେ ପୁଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଇଛି। ବାଉଁଶଲୁଣ୍ଡି, ମୁଖ୍ୟ ରାସ୍ତା, ଖାଲା ସାହି, ଷ୍ଟେଟ ବ୍ୟାଙ୍କ ଛକ, ଭେଜିପୁଟ, ଚକରା ବିଷୋୟୀ ଛକ ଠାରେ ଶେଷ ହୋଇଥିଲା। ଆଦର୍ଶ ଆଚରଣ ବିଦ୍ଧି ଲାଗୁହେବା ପରେ ଭଞ୍ଜନଗର ସହରର ବିଭିନ୍ନ ସ୍ଥାନରେ ପୁଲିସ ପକ୍ଷରୁ ଚେକିଂ କଡାକଡି କରାଯାଇଛି। ଏଥିରେ ଭଞ୍ଜନଗର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସୁଜିତ କୁମାର ନାୟକ, ଥାନା ଅଧିକାରୀ କୁମାର ମୁଦୁଲି, ଏଏସଆଇ ସୁଶାନ୍ତ କୁମାର ପଟ୍ଟନାୟକ, ଏଏସଆଇ ଆଲୋକ ତ୍ରିପାଠୀ, ପିଏସଆଇ ସୁନୀଲ କୁମାର ଜେନାଙ୍କ ସମେତ ବହୁ ପୁଲିସ କର୍ମଚାରୀ ଓ ସିଆଇଏସଏଫ ଯବାନ ମାନେ ଉପସ୍ଥିତ ଥିଲେ।

## ଶନି ମନ୍ଦିର ପ୍ରତିଷ୍ଠା ମହୋତ୍ସବ



**ଦିଗପହଣ୍ଡି, ୮ ।୪(ସମିସ):** ଦିଗପହଣ୍ଡି ସହର କମାସାହି ସ୍ଥିତ ଶ୍ରୀବାଲାଜୀ ମଠ ପରିସରରେ ନିର୍ମାଣ ହୋଇଥିବା ଶନି ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଓ ମହାଯଜ୍ଞ ସୋମବାର ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଭବାନୀ ଶଙ୍କର ତ୍ରିପାଠୀଙ୍କ ଉପସ୍ଥିତିରେ ନିକଟସ୍ଥ ବଡବନ୍ଧ ପୋଖରୀରେ ପ୍ରଚଳିତ ନୀତିକାନ୍ତି ପୂଜାର୍ଚ୍ଚନା କରାଯିବା ପରେ ଗଙ୍ଗାମାତାଙ୍କୁ ଆବାହନ କରାଯାଇଥିଲା। ଏହାପରେ ୧୨୧ ଜଣ ମହିଳା କଳସ ଯାତ୍ରାରେ ସାମିଲ ହୋଇ ମୁଣ୍ଡରେ ଜଳପୂର୍ଣ୍ଣ କଳସ ଧରି ଯଜ୍ଞ ମଣ୍ଡପକୁ ଯାତ୍ରା କରିଥିଲେ। ସିମାଞ୍ଚଳ ପାଢ଼ୀ ଓ ସହଧର୍ମିଣୀ ଗିତାଞ୍ଜଳୀ ପାଢ଼ୀ କର୍ତ୍ତା ରୂପେ ଅଂଶଗ୍ରହଣ କରିଥିବା ବେଳେ ମଙ୍ଗଳବାର ଠାରୁ ପ୍ରତିଷ୍ଠା ଉତ୍ସବ, ନାମ ଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ କାର୍ଯ୍ୟକ୍ରମ ରହିଛି। ଗୁରୁବାର ମହାଯଜ୍ଞ ପୂର୍ଣ୍ଣାହୁତି ହେବ ବୋଲି ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ମହାଯଜ୍ଞ କମିଟି ସଭାପତି ଭି. ଧର୍ମା ରାଜୁ, ଉପସଭାପତି ପ୍ରକାଶ ପାଣିଗ୍ରାହୀ, ସମ୍ପାଦକ ବିଚିତ୍ରାନନ୍ଦ ପଟ୍ଟନାୟକ, ସହ ସମ୍ପାଦକ କେ. ରାଜୁ, କୋଷାଧ୍ୟକ୍ଷ ପିଣ୍ଟୁ ଗୌଡ଼, ଲିଙ୍ଗରାଜ ରେଡ୍ଡୀ, ସୋନୁ ରେଡ୍ଡୀ, ତାରିଣୀ ଦୋରା, ଟୁକୁନା ବେହେରା, କାଳିଆ ରେଡ୍ଡୀ, ସତ୍ୟନାରାୟଣ ରେଡ୍ଡୀ, ଟୁଲୁ ଗୌଡ଼, ବାପ ଆଚାରୀ, ବାରିକ ବେହେରା, ସୋନୁ ମହାପାତ୍ର, ଭୁବନେଶ୍ୱର ପଣ୍ଡା, ଉମାପତି ରେଡ୍ଡୀଙ୍କ ସମେତ ସହରବାସୀ ସହଯୋଗ କରିଥିଲେ।

## ପୋଷ୍ୟ ସନ୍ତାନ ଗ୍ରହଣ କଲେ ବିଧାୟକ

**ରଙ୍ଗେଇଲୁଣ୍ଡା, ୮ ।୪(ସମିସ):** ସୋମବାର ରଙ୍ଗେଇଲୁଣ୍ଡା ବ୍ଲକ ଅଞ୍ଚଳର ମା' ଛେଉଣ୍ଡ ଦୁଇ ଭଉଣୀକୁ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ପୋଷ୍ୟ ରୂପେ ଗ୍ରହଣ କରି ମାନବିକତା ପରିଚୟ ଦେଖାଇଛନ୍ତି। ବ୍ଲକ ଅଧିନସ୍ଥ ଲୌଡ଼ିଗାଁରେ ମା'ଛେଣ୍ଡ ଦୁଇ ଭଉଣୀଙ୍କ ଗତ ଚାରି ବର୍ଷ ତଳେ ନାରାୟଣ ସାହୁ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଥିଲେ। ପୁଲିସ ନାରାୟଣ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନରେ ଆସିବା ପରେ ସେ ଫେରାର ହୋଇଥିଲେ। ଦୁଇ ଭଉଣୀ ବେସାହାରା ହୋଇ ଯାଇଥିଲେ। ଆଈ ଘରେ ରହି ପାଠ ପଢୁଥିଲେ ଦୁଇ ଭଉଣୀ। ଆଉ ବୟସାଧିକ ହୋଇଥିବା ଆଈ ଦୁଇ ନାତୁଣୀକୁ ନେଇ କଷ୍ଟରେ ଜୀବନ କଟାଉଥି। ଗତ କିଛି ଦିନ ଆମ ଓଡ଼ିଆ ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଦୁଇ ମା' ଛେଉଣ୍ଡ ଭଉଣୀ ବିଧାୟକ ପଣ୍ଡା ଦେଖିଥିଲେ। ସୋମବାର ବିଧାୟକ ଶ୍ରୀ ପଣ୍ଡା ଗୋପାଳପୁର ନିର୍ବାଚନ ବିଜେଡି ବିଧାୟକ ପ୍ରାର୍ଥୀ ହୋଇଥିବାବେଳେ ପ୍ରଚାର ଯାଇଥିଲା ଏହି ସମୟ ଦୁଇ ଭଉଣୀଙ୍କୁ ପାଠ ପଢ଼ିବା ସହ ବାହାଘର ପର୍ଯ୍ୟନ୍ତ ସମସ୍ତ ଖର୍ଚ୍ଚ ଦାୟିତ୍ୱ ବିଧାୟକ ପଣ୍ଡା ନେଇ ଏକ ମାନବିକତାର ପରିଚୟ ଦେଇଛନ୍ତି।

## ଦୁର୍ଘଟଣାରେ ପରିବା ବ୍ୟବସାୟୀ ଗୁରୁତର

**ଦିଗପହଣ୍ଡି, ୮ ।୪(ସମିସ):** ଦିଗପହଣ୍ଡି ସହର ଉପକଣ୍ଠ ଅନଙ୍ଗପୁର ନିକଟରେ ସୋମବାର ସକାଳ ପ୍ରାୟ ୭ଟାରେ ଅଜଣା ଗାଡ଼ି ଧକ୍କାରେ ଜଣେ ପରିବା ବ୍ୟବସାୟୀ ଗୁରୁତର ହୋଇଛନ୍ତି। ଆହତ ଜଣକ ହେଲେ ବଜାପଲ୍ଲି ଗ୍ରାମର ଡି. କୋରା ଦୋରା। ଡି. କୋରା ତାଙ୍କ ସାଇକେଲରେ ପନିପରିବା ବୋଝେଇ କରି ବ୍ୟବସାୟ ପାଇଁ ଦିଗପହଣ୍ଡି ଆସୁଥିବାବେଳେ ତାଙ୍କୁ ପଛପଟୁ ଏକ ଅଜଣା ଗାଡ଼ି ଧକ୍କା ଦେଇ ଚାଲିଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

● ଘରେ ପଶି ଲୁଟ୍ ମାମଲା

## ୪ ଦିନ ପରେ ବି ପୁଲିସ ହାତ ଖାଲି

**ଦିଗପହଣ୍ଡି,୮ ।୪(ସମିସ):** ଦିଗପହଣ୍ଡି ଥାନା ନରସିଂହପୁର ଗ୍ରାମର ବି.କାର୍ତ୍ତିକେଶ୍ୱର ଦୋରା ନାମକ ଜଣେ ବ୍ୟକ୍ତିଙ୍କ ଘରେ ପଶି ଦୁର୍ବୃତ୍ତମାନେ ସୁନା ଗହଣା ଓ ନଗଦ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଗତ ଶୁକ୍ରବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିଲା। ଏନେଇ ପୁଲିସରେ ଏତଲା ଦିଆଯାଇଥିଲା। ଘଟଣାର ୪ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ହାତ ଖାଲି। ଲୁଟେରା କିମ୍ବା ଲୁଟ୍ ସାମଗ୍ରୀ ସମ୍ପର୍କରେ ପୁଲିସ ସାମାନ୍ୟତମ ସୂଚନା ପାଇ ପାରିନାହିଁ। ଘଟଣା ଦିନ କାର୍ତ୍ତିକେଶ୍ୱରଙ୍କ ପରିବାର ଲୋକେ ଘରେ ଶୋଇଥିଲେ ମଧ୍ୟ ଦୁର୍ବୃତ୍ତମାନେ ବାରିପଟ କବାଟ ଭାଙ୍ଗି ଘରେ ପଶିଥିଲେ। ପରେ ଆଲମାରୀ ଭାଙ୍ଗି ସେଥିରେ ଥିବା ସୁନା ଜିଗିରି ନାନୁ, ଚେନ୍, କାନଫୁଲ ଏବଂ ନଗଦ ପ୍ରାୟ ୫୦ ହଜାର ଟଙ୍କା ଲୁଟି ନେଇ ଚମ୍ପଟ ମାରିବାରେ ସକ୍ଷମ ହୋଇଥିଲେ। କାର୍ତ୍ତିକେଶ୍ୱର ଦିଗପହଣ୍ଡି ଥାନାରେ ଲିଖିତ ଏତଲା ଦେଇଥିଲେ। ଏତଲା ଭିତ୍ତିରେ ଆଇଆଇସି ବାବାଶଙ୍କର ସରାଫ ଦିଗପହଣ୍ଡି ଥାନା ମାମଲା ନଂ.୧୫୬/୨୪ ପ୍ରକାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଏପରିକି ତଦନ୍ତ ସମୟରେ ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ୍ ଦଳର ସହାୟତା ନିଆଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରିନଥିବା ଜଣାପଡ଼ିଛି।

୨୮ତମ ଶ୍ରାଦ୍ଧବାର୍ଷିକୀ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ବିଳାସ ମଞ୍ଜରୀ ଦେବୀ
ଆନନ୍ଦପୁର, କେନ୍ଦୁଝର
ଚୈତ୍ର ଶୁକ୍ଳ ପ୍ରତିପଦା

ମା' ତୋର ଭଲପାଇବା, ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସନ୍ତାନ ବିତ୍ସଳତା, ଅତିଥି ପରାୟଣତା ଆମ ଆଖି ଆଗରେ ଅଦ୍ୟାବଧି ଜାଜ୍ୱଲ୍ୟମାନ । ୨୮ ବର୍ଷ ବିତିଯାଇଥିଲେ ମଧ୍ୟ, ଆମେ ସେହି ଆଶିଷକୁ ପାଥେୟ କରି ବଞ୍ଚି ରହିଛୁ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏବଂ ମା ତାରିଣୀଙ୍କ ପାଖରେ ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ :
ସୋମା, ଗଗ, ଶିବାନନ୍ଦ, କଲ୍ୟାଣୀ, ବବ୍‌ଲୁ, ଟୁବୁ, ମିଲି, ସିଲୁ, ଜିଲୁ, ଶିପୁ, ଲିପୁ, ଦିପୁ, ଜିତୁ, ମାମି, ନନି, ପୁପୁ, ପାପୁ, ମାଉଁନି, ଅମ୍ରିତେଶ, ବନ୍ଧୁ ଓ ପରିବାର ବର୍ଗ

### ବିପର୍ଯ୍ୟୟ ପରିମଳ ବ୍ୟବସ୍ଥାର ନଗ୍ନଚିତ୍ର

# ସ୍ୱଚ୍ଛ ଭାରତ ପ୍ରାଚୀର ଚିତ୍ର ତଳେ ଅଳିଆ ଗଦା

ଗଞ୍ଜାମ, ୮ ।୪(ସମିସ)



ଗଞ୍ଜାମ ସହରରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାର ନଗ୍ନ ଚିତ୍ର ଦେଖିବାକୁ ମିଳିଛି। ଗଞ୍ଜାମ ଏନଏସି ପକ୍ଷରୁ ତ୍ରିବେଣୀ ମଠ ଛକ ନିକଟରେ ରହିଥିବା ଶୌଚାଳୟ, ବଡ଼ ବଜାର ମିନି ଷ୍ଟାଡିୟମ ଓ ସାନବଜାର ଶୌଚାଳୟରେ କାନ୍ଥରେ ପ୍ରାଚୀର ଚିତ୍ରରେ ସ୍ୱଛ ଭାରତ ଲେଖାଯାଇ ଜନ ସଚେତନତା ସୃଷ୍ଟି କରାଯାଇଛି। ହେଲେ ତ୍ରିବେଣୀ ମଠ ଛକ ନିକଟରେ ଏନଏସି ପକ୍ଷରୁ ସହରରୁ ସଂଗ୍ରହ କରାଯାଇ ଅଳିଆ ଆବର୍ଜନା ପକାଅଯାଉଥିବା ସ୍ଥାନରେ ହିଁ ଶୌଚାଳୟ କାନ୍ଥର ସ୍ୱଚ୍ଛ ଭାରତ ଲେଖା ରହିଛି। ସହରର ଉତ୍ତର ଦିଗରୁ ବିଭିନ୍ନ ଯାନ ବାହାନରେ ଆସୁଥିବା ଲୋକ ଙ୍କ ନଜରରେ ପଡୁଛି। ସେହିପରି ବଡ଼ ବଜାର ଶେଷରେ ଷ୍ଟେସନ ରୋଡ଼ ବାଳିକା ଉଚ୍ଚ ବିଦ୍ୟାଳୟ, ଦାମୋଦରପୁର ୧୨ନଂ ୱାର୍ଡ ରେଡି ସାହି ଶେଷରେ ଓ ୪ନମ୍ବର ୱାର୍ଡ ନିକଟରେ ମଧ୍ୟ ସହରର ଅଳିଆ ଜମି ରହୁଥିବା ଦେଖାଯାଇଛି। ପ୍ରତିଦିନ ସେଗୁଡିକୁ ସହର ବାହାରକୁ ବାହାର କରାଯାଉନଥିବାରୁ ଉକ୍ତ ସ୍ଥାନ ମାନଙ୍କରେ ପୁତି ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଅନେକ ଜାଗାରେ କୁଢ଼ କୁଢ଼ ଅଳିଆ ପଡ଼ିଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଦକ୍ଷିଣା ପବନ ପ୍ରବାହ ଯୋଗୁଁ ବଡ଼ ବଜାରର ମୁଖ୍ୟ ରାସ୍ତାରେ ଅଳିଆ ଆବର୍ଜନା ଉଡୁଥିବା ଲକ୍ଷ୍ୟ କରାଯାଇଛି। ଫଳରେ ଏହାକୁ ନେଇ ସାହି ବାସିନ୍ଦା ଓ ବୁଦ୍ଧିଜୀବୀ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଏହି ସମସ୍ୟା ପ୍ରତି ଏନଏସି କର୍ତ୍ତୃପକ୍ଷ ଯଥା ଶୀଘ୍ର ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି। ଏନେଇ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅପର୍ଣ୍ଣା ଡାଙ୍ଗୁଆଁଙ୍କୁ ପଚାରିବାରୁ ସହରର ବିଭିନ୍ନ ସ୍ଥାନରୁ ଅଳିଆ ଅଳିଆ ସଫେଇ କରାଯାଇଛି। କିଛି ସ୍ଥାନରେ ଅଳିଆ ରହିଛି। ପରିମଳ ଏକ୍ସପୋର୍ଟଙ୍କୁ କୁହାଯାଇଛି ଅନ୍ୟାନ୍ୟ ସ୍ଥାନରେ ପଡ଼ିଥିବା ଅଳିଆକୁ ସଫେଇ କରାଯିବ ବୋଲି କହିଛନ୍ତି।

## ଅସରାଏ ବର୍ଷାରେ ରାସ୍ତାରେ ଭାସୁଛି ନର୍ଦ୍ଦମାପାଣି

**ସାନଖେମୁଣ୍ଡି, ୮ ।୪(ସମିସ):** ସାନଖେମୁଣ୍ଡି ବ୍ଲକ ଅଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅସରାଏ ବର୍ଷା ହେବା ମାତ୍ର ନାଳନର୍ଦ୍ଦମା ପାଣି ରାସ୍ତା ଉପରେ ଭାସୁଛି। ରାଧାଦେଇପୁର ପଞ୍ଚାୟତ ଶାସନ ସାହିରେ ଏହି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ରାଧାଦେଇପୁର ପଞ୍ଚାୟତରେ ଦୀର୍ଘଦିନ ଧରି ନାଳ ସଫା ହେଉ ନ ଥିବାରୁ ନିକଟରେ କାଳବୈଶାଖୀ ବର୍ଷାରେ ନାଳନର୍ଦ୍ଦମା ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଭାସୁଛି। ତେବେ ଏହା କେବଳ ରାଧାଦେଇପୁର ପଞ୍ଚାୟତରେ ନୁହଁ ବରଂ ବିଭିନ୍ନ ଗ୍ରାମ ଓ ସାହି, ଗଳିରେ ସମାନ ଦୃଶ୍ୟ ରହିଛି। ବିଭିନ୍ନ ପଞ୍ଚାୟତରେ ସମସ୍ତ ଡ୍ରେନ୍ ପ୍ରାୟ ପୋତି ହୋଇପଡ଼ିଲାଣି। ରାଜ୍ୟ ସରକାର ଡ୍ରେନ ନିର୍ମାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ସ୍ଥାନୀୟ ପ୍ରଶାସନର ଅବହେଳା ଯୋଗୁଁ ଅନେକ ଡ୍ରେନ ବର୍ଷ ବର୍ଷ ଧରି ସଫା କରାଯାଉ ନାହିଁ, ଫଳରେ ଡ୍ରେନରେ ଅଳିଆ ପଡ଼ି ପୋତି ହେଲାଣି। ଏହା ସହ ବିଭିନ୍ନ ଗ୍ରାମରେ ନିର୍ମାଣ ହୋଇଥିବା ଡ୍ରେନ ଗୁଡିକ ମୁକୁଳା ପଡ଼ିଥିବା ମଧ୍ୟ ଦେଖିବାକୁ ମିଳିଛି। ସେହିପରି ଦୀପତଳ ଅନ୍ଧାର ଭଳି ସାନଖେମୁଣ୍ଡି ବ୍ଲକ କାର୍ଯ୍ୟାଳୟ ଠାରୁ ମାତ୍ର ୧ କିମି ଦୂରରେ ରହିଥିବା ଡ୍ରେନ ଗୁଡିକ ସଫା ହୋଇନଥିବା ବେଳେ ଅନେକ ଡ୍ରେନ ମୁକୁଳା ପଡ଼ିଛି ଏବଂ ଅନେକ ସ୍ଥାନରେ ସ୍କୁଲ ନିକଟରେ ରହିଥିବା ଡ୍ରେନ ମଧ୍ୟ ମୁକୁଳା ପଡ଼ିଛି। ପରିମଳ ବ୍ୟବସ୍ଥା ଲାଗି କୋଟି କୋଟି ଟଙ୍କା ଅର୍ଥ ଆସୁଥିବାବେଳେ କାମ ଠିକ୍ ଭାବେ ହେଉନଥିବା ଅଞ୍ଚଳବାସୀ ଦାବି କରିଛନ୍ତି। ସାମାନ୍ୟ ବର୍ଷା ହେଲେ ନର୍ଦ୍ଦମା ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଭାସୁଛି। ବର୍ଷ ବର୍ଷ ଧରି ଡ୍ରେନ ଗୁଡିକ ସଫା ହେଉନଥିବା ଏବଂ ଡ୍ରେନ୍‌ଗୁଡିକ ମୁକୁଳା ପଡ଼ିଥିଲେ ମଧ୍ୟ ବ୍ଲକ ପ୍ରଶାସନ ଦୃଷ୍ଟି ଦେଉନଥିବା ବେଳେ ବର୍ଷାଦିନ ଆସିବା ପୂର୍ବରୁ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



● ସ୍ତ୍ରୀ ଓ ଝିଅକୁ ଆକ୍ରମଣ

## ଅବସରପ୍ରାପ୍ତ ସେନା କର୍ମଚାରୀ ଗିରଫ



**ବ୍ରହ୍ମପୁର, ୮।୪(ସମିସ):** ସ୍ତ୍ରୀକୁ ନିର୍ଯ୍ୟାତନା ଓ ଝିଅକୁ ମାରପିଟ କରିବା ଅଭିଯୋଗରେ ଗୋପାଳପୁର ଥାନା ପୁଲିସ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ବ୍ୟକ୍ତି ଜଣକ ବଡଗୁମୁଳା ଗ୍ରାମନିବାସୀ ଦିଲ୍ଲୀପ କୁମାର ପାତ୍ର (୫୨)। ସୂଚନାଯୋଗ୍ୟ ଯେ, ଗତ ୪ତାରିଖରେ ଦିଲ୍ଲୀପଙ୍କ ସ୍ତ୍ରୀ ସଙ୍ଗୀତା ପାତ୍ରଙ୍କ ସ୍ୱାସ୍ଥ୍ୟ ଖରାପଥିଲା। ଏନେଇ ଝିଅ ବାପା ଦିଲ୍ଲୀପଙ୍କୁ ଔଷଧ ଆଣିବାକୁ କହିଥିଲେ। କିନ୍ତୁ ବାପା ଝିଅର କଥାକୁ ଗୁରୁତ୍ୱ ଦେଇନଥିଲେ। ଝିଅ ବାରମ୍ବାର ଏ ବିଷୟରେ କହିବାରୁ ଝିଅକୁ ଦୁଇ ଚାପୁଡ଼ା ମାରିଥିଲେ ବାପା। ପରେ ଦିଲ୍ଲୀପ ପାତ୍ର ନିଶାସକ୍ତ ଅବସ୍ଥାରେ ନିଜ ଅସୁସ୍ଥ ପତ୍ନୀ ସଙ୍ଗୀତା ପାତ୍ରଙ୍କୁ ମାରପିଟ କରିଥିଲେ। ଏଥିରେ ସଙ୍ଗୀତା ଆହତ ହୋଇଥିଲେ। ଚିକିତ୍ସା କରିବା ପାଇଁ ମେଡିକାଲ ନେବା ପରିବର୍ତ୍ତେ ଦିଲ୍ଲିପ ତାଙ୍କୁ ଘର ଭିତରେ ନଜର ବନ୍ଦୀ କରି କବାଟ ପକାଇ ରଖିଥିଲେ। ଘଟଣାକୁ ନେଇ ରବିବାର ପୂର୍ବାହ୍ନରେ ସଙ୍ଗୀତାଙ୍କ ଝିଅ ସ୍ନେହା ପାତ୍ର ଆନ୍ତର୍ଜାତିକ ମାନବାଧିକାର ପରିଷଦର ଜିଲ୍ଲା ସଭାନେତ୍ରୀ ରଶ୍ମିତା ପାଣିଗ୍ରାହୀଙ୍କୁ ଫୋନ ଯୋଗେ ଜଣାଇ ସାହାଯ୍ୟ କରିବାକୁ ଅନୁରୋଧ କରିଥିଲେ। ପରେ ଘଟଣାକୁ ନେଇ ରଶ୍ମିତା ଗୋପାଳପୁର ଥାନାରେ ଜଣାଇବା ପରେ ଗୋପାଳପୁର ପୁଲିସ ବଡଗୁମୁଳାରେ ପହଞ୍ଚି ଦିଲ୍ଲିପଙ୍କ ଘରୁ ବନ୍ଦୀ ଥିବା ଆହତ ସଙ୍ଗିତାଙ୍କୁ ଉଦ୍ଧାର କରିଥିଲେ। ପରେ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ଘଟଣାକୁ ନେଇ ଝିଅ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ପରେ ପୁଲିସ ଦିଲ୍ଲିପକୁ ଗୋପାଳପୁର ଥାନାରେ ଅଟକ ରଖିବା ପଚରାଉଚରା କରିବା ପରେ ସୋମବାର ଅପରାହ୍ନରେ ଗିରଫ କରି କୋର୍ଟଚାଲାଣ କରିଥିବା ଆଇଆଇସି ଶରତ କୁମାର ମହାଲିକ ସୂଚନା ଦେଇଛନ୍ତି।

## ବାଇକ ଧକ୍କାରେ ବୃଦ୍ଧ ମୃତ ଘଟଣା, ଚାଳକ ଗିରଫ

**ବ୍ରହ୍ମପୁର, ୮।୪(ସମିସ):** ଗୋପାଳପୁର ଥାନା ଅନ୍ତର୍ଗତ ପାର୍ବତୀପୁର ଛକଠାରେ ରବିବାର ସକାଳ ପ୍ରାୟ ସାଢେ ୭ଟା ବେଳେ ବାଇକ ଧକ୍କାରେ ଜଣେ ବୃଦ୍ଧ ମୃତ ହୋଇଥିଲା। ମୃତବୃଦ୍ଧ ଜଣକ ହେଲେ ପାର୍ବତୀପୁର ଗ୍ରାମର ଗୋବିନ୍ଦ ଦାସ(୪୮)।ଏ ନେଇ ଗୋପାଳପୁର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଥିଲା।ତଦନ୍ତ ବେଳେ ଜଣାପଡ଼ିଥିଲା କି ବକ୍ସିପଲ୍ଲୀ ହରୀଜନ ସାହିର ଦୀପକ ନାୟକ(୨୫)ଙ୍କ ବାଇକ ଧକ୍କାରେ ଗୋବିନ୍ଦଙ୍କ ମୃତ୍ୟୁ ଘଟିଛି। ତେଣୁ ପୁଲିସ ଦୀପକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଗୋବିନ୍ଦ ସକାଳେ ଚିକେନ ଆଣିବା ପାଇଁ କରାପଲ୍ଲୀକୁ ଯାଇଥିଲା। ସେଠାରୁ ଘରକୁ ଫେରୁଥିବା ବେଳେ ପାର୍ବତୀପୁର ଛକ ନିକଟରେ ରାସ୍ତା ପାର ହେବା ସମୟରେ ବ୍ରହ୍ମପୁରଠାରୁ ଗୋପାଳପୁର ମୁଖ୍ୟ ରାସ୍ତାରେ ଦୀପକଙ୍କ ବାଇକ ଗୋବିନ୍ଦଙ୍କୁ ଧକ୍କା ଦେବାରୁ ସେ ଛିଟିକି ହୋଇ ଗୁରୁତର ଆହତ ହୋଇଥିଲେ। ଆମ୍ବୁଲାନ୍ସ ବିଳମ୍ବରେ ପହଞ୍ଚିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ତାହାକୁ ନେଇ ସ୍ଥାନୀୟ ଲୋକ ଓ ପରିବାର ଲୋକେ ଉତ୍ୟକ୍ତ ହୋଇ ଶବକୁ ରାସ୍ତାରେ ପ୍ରାୟ ୩ ଘଣ୍ଟା ରଖି ବ୍ରହ୍ମପୁର ଗୋପାଳପୁର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଫଳରେ ଯାତାୟତରେ ବାଧା ସୃଷ୍ଟି ହୋଇଥିଲା।

## ଦଳପତି ଭବନ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



**ବ୍ରହ୍ମପୁର, ୮।୪(ସମିସ):** ସ୍ଥାନୀୟ ଖୋଡ଼ାସିଂ ନିକଟରେ ଶିବ ପଦ୍ମା ଦଳପତି ଭବନ ନିର୍ମାଣ ନିମନ୍ତେ ଭିତ୍ତି ପ୍ରସ୍ତର ସ୍ଥାପିତ ହୋଇଯାଇଛି। କ୍ରିୟାନୁଶୀଳ କମିଟିର ଅଧ୍ୟକ୍ଷ ଜଗନ୍ନାଥ ରାଉତଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀ ରାଉତଙ୍କ ଧର୍ମପତ୍ନୀ ଯୋଗ ଦେଇ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଆବାହକ ତଥା ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ, ପର୍ଶୁରାମ ଜେନା, ନିରଞ୍ଜନ ଜେନା, ସୂର୍ଯ୍ୟକାନ୍ତ ପାତ୍ର, ସାଇପ୍ରସାଦ ପାତ୍ର, ବୀରଜା ପ୍ରସାଦ ପାତ୍ର, ଦଣ୍ଡପାଣି ପାତ୍ର, ଶାନ୍ତନୁ ପାତ୍ର, ସୁରେଶ ଜେନା, ଡା.ସୁରଥ ପାତ୍ର, ସନ୍ତୋଷ ପାତ୍ର, ଲକ୍ଷ୍ମୀକାନ୍ତ ଜେନା, ଅଶୋକ ଦଳେଇ, ପ୍ରମୋଦ ବିଶ୍ୱାଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ସରକାରୀ ଅର୍ଥ ହଡ଼ପ ଅଭିଯୋଗ

# ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିଲମ୍ବିତ



ବିଭାଗୀୟ ତଦନ୍ତ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ

ବ୍ରହ୍ମପୁର, ୮।୪(ସମିସ)

ସରକାରୀ ଅର୍ଥ ହଡପ ମାମଲାରେ ସୋରଡା ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିଶିର କୁମାର ସ୍ୱାଇଁ ନଲମ୍ବିତ ହୋଇଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିକ୍ଷା ଅଧିକାରୀ ଅମିତା ପଟ୍ଟନାୟକ ଶ୍ରୀ ସ୍ୱାଇଁଙ୍କୁ ନିଲମ୍ବିତ କରିଛନ୍ତି। ଏହା ସହ ଘଟଣାକୁ ନେଇ ବିଭାଗୀୟ ତଦନ୍ତ ନିମନ୍ତେ ଡିଇଓ ଶ୍ରୀମତୀ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ସୋରଡ଼ା ବାଳିକା ଉଚ୍ଚ ମାଧମିକ ବିଦ୍ୟାଳୟରେ ବହୁ ବର୍ଷ ଧରି ଶିଶିର କୁମାର ସ୍ୱାଇଁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରିଆସୁଥିଲେ। ମୋ ସ୍କୁଲ ଯୋଜନାରେ ଆସିଥିବା ଅନୁଦାନ ଅର୍ଥକୁ ଉଠାଣ ନିମନ୍ତେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ସମେତ ଅନ୍ୟଜଣେ ଶିକ୍ଷକଙ୍କ ଦସ୍ତଖତ ଆବଶ୍ୟକ। କିନ୍ତୁ ଗତ ମାର୍ଚ୍ଚ ୧୩ତାରିଖରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିଶିର କୁମାର ସ୍ୱାଇଁ ଏକ ଚେକ୍ ମାଧ୍ୟମରେ ଟଙ୍କା ଉଠାଇବାକୁ ସୋରଡ଼ା ଷ୍ଟେଟ ବ୍ୟାଙ୍କକୁ ଯାଇଥିଲେ।

ବ୍ୟାଙ୍କରେ ଟଙ୍କା ଉଠାଣ ବେଳେ ଉକ୍ତ ଚେକ୍ ରେ ଥିବା ଶିକ୍ଷକ ଅଚ୍ୟୁତାନନ୍ଦ ସେଠୀଙ୍କ ଦସ୍ତଖତ ଜାଲ ଥିବା ବ୍ୟାଙ୍କ ଅଧିକାରୀ ଜଣଙ୍କ ଜାଣିବାକୁ ପାଇଥିଲେ। ଏନେଇ ସେ ଶିକ୍ଷକ ଅଚ୍ୟୁତାନନ୍ଦଙ୍କ ସହ ଯୋଗାଯୋଗ କରି ଘଟଣା ସମ୍ପର୍କରେ ଜଣାଇଥିଲେ। ଏନେଇ ଶିକ୍ଷକ ଜଣଙ୍କ ଗତ ମାର୍ଚ୍ଚ ୧୫ତାରିଖରେ ସୋରଡ଼ା ବ୍ଲକ ଶିକ୍ଷା ଅଧିକାରୀ ପ୍ରିୟଦର୍ଶିନୀ ନାୟକଙ୍କ ନିକଟରେ ଅଭିଯୋଗ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିଶିର କୁମାର ସ୍ୱାଇଁ ତାଙ୍କ ନାମରେ ଜାଲ ଦସ୍ତଖତ କରି ଟଙ୍କା ଉଠାଇବା ପାଇଁ ଚେଷ୍ଟା କରୁଥିବା ନେଇ ଅଭିଯୋଗ କରିଥିଲେ। ଘଟଣାକୁ ନେଇ ବିଇଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଇବା ସହ ତଦନ୍ତ କରିଥିଲେ। ତଦନ୍ତ ବେଳେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିଶିର କୁମାର ସ୍ୱାଇଁ ଜାଲ ଦସ୍ତଖତ ଜରିଆରେ ବ୍ୟାଙ୍କରୁ ଟଙ୍କା ଉଠାଣ କରୁଥିବା ସ୍ପଷ୍ଟ ହୋଇଥିଲା।

ଏହା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିକ୍ଷାଧିକାରୀ(ଚିଠି ନମ୍ବର-୬୬୨୮)ରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିଶିର କୁମାର ସ୍ୱାଇଁଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ନିଲମ୍ବିତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କେବେ ଓ କେତେ ଟଙ୍କା ଉଠାଇଛନ୍ତି, ଉକ୍ତ ଟଙ୍କା କେଉଁ ବାବଦରେ ବିନିଯୋଗ ହୋଇଛି ଏବଂ ଏଥିରେ ଆଉ କାହାର କାହାର ସମ୍ପୃକ୍ତି ରହିଛି ସେନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବ ବୋଲି କହିଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତି ଅମିତା ପଟ୍ଟନାୟକ। ଏଥିସହିତ ନିଲମ୍ବିତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ବିଭାଗୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀମତୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ସ୍ଥାୟୀ ମେହେନ୍ତର କର୍ମଚାରୀଙ୍କୁ ନିର୍ବାଚନ ଡ୍ୟୁଟିରୁ ନିବୃତ ରଖିବାକୁ ଦାବି



ବ୍ରହ୍ମପୁର, ୮।୪(ସମିସ)

ଆଗକୁ ସାଧାରଣ ନିର୍ବାଚନ। ୧୩ତାରିଖରେ ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ। ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର ମହାନଗର ନିଗମ ଅଧିନରେ ଅସ୍ଥାୟୀ ଭାବେ କାର୍ଯ୍ୟରତ ମେହେନ୍ତର କର୍ମଚାରୀଙ୍କୁ ମଧ୍ୟ ନିର୍ବାଚନ ଡ୍ୟୁଟି କରିବାକୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏଭଳି ନିର୍ଦ୍ଦେଶନାମାକୁ ବିରୋଧ କରିଛି ମହାନଗର ନିଗମ ଅସ୍ଥାୟୀ କର୍ମଚାରୀ ସଂଘ। ନିର୍ବାଚନ ଡ୍ୟୁଟି ପଡ଼ିଥିବା ଅଧିକାଂଶ କର୍ମଚାରୀ ବୟସ୍କ ଓ ସେମାନଙ୍କ ମଧ୍ୟରୁ ଅନେକ ବିଭିନ୍ନ ରୋଗରେ ପିଡିତ ଅଛନ୍ତି। ସେପଟେ ମେହେନ୍ତର ମାନେ ସଫେଇ କାର୍ଯ୍ୟ ବ୍ୟତିତ ଅନ୍ୟ କିଛି କାର୍ଯ୍ୟ ଜାଣି ନଥିବା ବେଳେ ସେମାନଙ୍କୁ ନିର୍ବାଚନ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିବାକୁ କୁହାଯାଇଛି। ଏହା ହେଲେ ବହୁ ଭୁଲଭଟକା ହେବାର ସମ୍ଭାବନା ରହିଛି। ଏଣୁ ବ୍ରହ୍ମପୁର ମହାନଗର ନିଗମ ଅସ୍ଥାୟୀ କର୍ମଚାରୀ ସଂଘ ପକ୍ଷରୁ ଏନେଇ ଏକ ଦାବି ପତ୍ର ବିଇଏମସି କମିଶନରଙ୍କ ଜରିଆରେ ଜିଲ୍ଲା ନିର୍ବାଚନ ଅଧିକାରୀ ଓ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ପ୍ରେରଣ କରାଯାଇଛି। ସଂଘର କହିବା କଥା ଯେଉଁମାନେ ଏହି କାର୍ଯ୍ୟ ପାଇଁ ଉପଯୁକ୍ତ ସେମାନଙ୍କୁ ଦିଆଗଲେ ତାହାକୁ କେହି ବିରୋଧ କରିବେ ନାହିଁ। ନଚେତ ନିର୍ବାଚନ ଭଳି କାର୍ଯ୍ୟରେ ବହୁ ଭୁଲଭଟକା ହେବାର ସମ୍ଭାବନା ରହିଥିବା ସଂଘ ପକ୍ଷରୁ କୁହାଯାଇଛି। ଏହି ଅବସରରେ ସଂଘର ସଭାପତି ଡି. ସୂର୍ଯ୍ୟପ୍ରକାଶ ରାଓ, ସାଧାରଣ ସମ୍ପାଦକ ସୁଭେନ୍ଦୁ କୁମାର ନାୟକ, ଉପ ସଭାପତି କୈଳାସ ଘଡେଇ, ବାଲାଜୀ ନାୟକ ଓ ଲାବନ୍ୟ ଦଳବେହେରାଙ୍କ ସମେତ ବହୁ ଅସ୍ଥାୟୀ ତଥା ମେହେନ୍ତର କର୍ମଚାରୀ ସାମିଲ ଥିଲେ।

## ତାରାତାରିଣୀଙ୍କ ଆଶୀର୍ବାଦ ନେଲେ ବିଜେଡି ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର



ବ୍ରହ୍ମପୁର, ୮।୪(ସମିସ)

ଗଞ୍ଜାମର ଅଧିଷ୍ଠାତ୍ରୀ ଦେବୀ ମା’ ତାରାତାରିଣୀଙ୍କ ଆଶୀର୍ବାଦ ନେଇଛନ୍ତି ବିଜୁ ଜନତା ଦଳର ବ୍ରହ୍ମପୁର ଲୋକସଭା ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସି ପାତ୍ର। ସେ ଆଜି ପୂର୍ବାହ୍ନରେ ପୁରୁଷୋତ୍ତପୁର ସ୍ଥିତ ମା’ ଙ୍କ ମନ୍ଦିରରୁ ଯାଇଥିଲେ। ସେଠାରେ ପୂର୍ଜାର୍ଚ୍ଚନା ସାରିବା ସହ ଆଶିଷ ନେଇଥିଲେ। ବେଢ଼ା ପରିକ୍ରମା ସାରି ପୁନଃ ବ୍ରହ୍ମପୁର ଫେରିଥିଲେ। ଏଠାରେ ଦିଗହପଣ୍ଡି ବିଜୁ ଜନତା ଦଳ ପକ୍ଷରୁ ଆୟୋଜିତ ଜୋନସ୍ତରୀୟ ବୈଠକରେ ଯୋଗ ଦେଇଥିଲେ। ଏଠାରୁ ପାରଳାଖେମୁଣ୍ଡି ଅଭିମୁଖେ ଯାତ୍ରା କରିଥିଲେ। ପ୍ରକାଶଯୋଗ୍ୟ ଯେ, ଗତକାଲି ଛତ୍ରପୁର ଓ ବ୍ରହ୍ମପୁରରେ ହୋଇଥିବା ବିଶାଳ ବାଇକ ଶୋଭାଯାତ୍ରାରେ ବିଜୁ ଜନତା ଦଳକୁ ଆକୁଣ୍ଠ ସମର୍ଥନ ମିଳିଥିଲା।

ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା

## ଉପଯୁକ୍ତ ତଦନ୍ତ ପାଇଁ ଏସ୍‌ପିଙ୍କୁ ଗୁହାରି



**ବ୍ରହ୍ମପୁର, ୮।୪(ସମିସ):** ଗଜପତିନଗର ୧୦ମ ଲାଇନ୍‌ରେ ଦିଗାମ୍ବରୀ ମହାପାତ୍ର ନାମକ ଜଣେ ମହିଳା ନିଜ ବାପାଙ୍କ ଘରେ ଆତ୍ମହତ୍ୟା କରିବା ଘଟଣାର ଉପଯୁକ୍ତ ତଦନ୍ତ ଦାବି ହୋଇଛି। ଏନେଇ ଦିଗାମ୍ବରୀଙ୍କ ପରିବାର ପକ୍ଷରୁ ସୋମବାର ବ୍ରହ୍ମପୁର ଏସ୍‌ପିଙ୍କୁ ଗୁହାରି କରାଯାଇଛି। ଦିଗାମ୍ବରୀଙ୍କୁ ତାଙ୍କ ସ୍ୱାମୀ ଓ ଶାଶୂଘର ଲୋକେ ମାନସିକ ନିର୍ଯାତନା ଦେଉଥିଲେ ବୋଲି ତାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏସ୍‌ପିଙ୍କ ନିକଟରେ ହୋଇଥିବା ଅଭିଯୋଗ ଅନୁସାରେ, ଓପିଟିସିଏଲ ବ୍ରହ୍ମପୁର ଶାଖାରେ ଟେକ୍‌ନିସିଆନ ଭାବେ କାର୍ଯ୍ୟ କରୁଥିବା ଦିଗାମ୍ବରୀ ୨୦୧୮ ରେ ଗଜପତିନଗରର ଜଣେ ଯୁବକଙ୍କୁ ବିବାହ କରିଥିଲେ। ତାଙ୍କର ପ୍ରଥମେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ଏହାପରେ ତାଙ୍କ ଶାଶୂଘର ଲୋକେ ତାଙ୍କୁ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଯାହାକୁ ନେଇ ଦିଗାମ୍ବରୀ ଓ ତାଙ୍କ ସ୍ୱାମୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଗତ ୪ ତାରିଖରେ ଦିଗାମ୍ବରୀ ନିଜ ସ୍ୱାମୀ ସହ ଝଗଡ଼ା କରି ଗଜପତିନଗର ୧୦ମ ଲାଇନ ସ୍ଥିତ ନିଜ ବାପଘରକୁ ଚାଲି ଆସିଥିଲେ। ଏହାପର ଦିନ ଦିଗାମ୍ବରୀଙ୍କ ପରିବାର ଲୋକେ ସମାଧାନ ପାଇଁ ତାଙ୍କ ଶାଶୂଘର ଲୋକଙ୍କୁ ଡାକିଥିଲେ। ହେଲେ ସେପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିଲା। ସେହିଦିନ ଦିଗାମ୍ବରୀଙ୍କ ନିକଟକୁ ଏକ ଫୋନ କଲ ଆସିଥିଲା। ଏହାପରେ ସେ କାନ୍ଦିବା ଆରମ୍ଭ କରିଥିଲେ। ୬ ତାରିଖ ସକାଳୁ ଉଠି ସେ ଉପର ଘରକୁ ବ୍ୟାୟାମ କରିବାକୁ ଯାଇଥିଲେ। କିଛି ସମୟ ପରେ ତାଙ୍କ ମା’ ଉପରକୁ ଯାଇ ଦେଖିବା ବେଳେ ଦିଗାମ୍ବରୀ ବେକରେ ରଶି ଲଗାଇ ଝୁଲି ପଡ଼ିଥିବା ଦେଖିଥିଲେ। ଖବରପାଇ ତାଙ୍କ ସ୍ୱାମୀ ପହଞ୍ଚି ଦିଗାମ୍ବରୀଙ୍କ ଝୁଲନ୍ତା ମୃତଦେହକୁ ତଳକୁ ଓହ୍ଲାଇଥିଲେ। ଏହାପରେ ପୁଲିସ ପହଞ୍ଚି ତଦନ୍ତ କରିଥିଲା। ଏହି ଘଟଣାର ଉପଯୁକ୍ତ ତଦନ୍ତ କରି ଆଇନ ଅନୁସାରେ ପଦକ୍ଷେପ ନେବାକୁ ଦିଗାମ୍ବରୀଙ୍କ ପରିବାର ପକ୍ଷରୁ ସ୍ଥାୟୀ ବିକାଶ ଲକ୍ଷ୍ୟ ନାମକ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ସୋମବାର ବ୍ରହ୍ମପୁର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା ସୂଚନା ମିଳିଛି।

## ଦାଦାବଟି ନଦେବାରୁ ରାଜକମଲ ଏଜେନ୍ସିରୁ ଲୁଟ୍ !

**ବ୍ରହ୍ମପୁର, ୮।୪(ସମିସ):** ଟାଉନ ଥାନାସ୍ଥିତ ରାଜକମଲ ଏଜେନ୍ସିରୁ ତାଲା ଭାଙ୍ଗି ଟଙ୍କା ଓ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। କିଛି ଦୁର୍ବୃତ୍ତ ଦୋକାନରୁ ଚୋରି କରି ଏକ ନୂଆ ତାଲା ପକାଇଥିବା ନେଇ ଏଜେନ୍ସିର ମାଲିକ ପି. ରାଜା ପ୍ରଭାକର ରାଓ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। କିଛି ମାସ ପୂର୍ବେ କେତେକ ବ୍ୟକ୍ତି ତାଙ୍କ ଦୋକାନକୁ ଆସି ଦାଦାବଟି ମାଗିଥିଲେ। ଦୋକାନ ମାଲିକ ଟଙ୍କା ନଦେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଚୋରି କରିଥିବା ବ୍ୟକ୍ତିମାନେ ପ୍ରଭାକରଙ୍କ ସହ ପୂର୍ବରୁ ପରିଚିୟ ଥିବା ଜଣାପଡ଼ିଛି। ପ୍ରଭାକରଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## ଜଗଦଲପୁରରେ ଗୋଷ୍ଠୀସଂଘର୍ଷ; ୨ଟି ମାମଲା ରୁଜୁ

**ବ୍ରହ୍ମପୁର, ୮।୪(ସମିସ):** ଜଗଦଲପୁର ଗ୍ରାମରେ ଦଣ୍ଡନାଚ ଚାଲିଥିବା ବେଳେ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏନେଇ ନିମଖଣ୍ଡି ଥାନାରେ ଉଭୟ ପକ୍ଷଙ୍କ ମଧ୍ୟରୁ ୨ଟି ପୃଥକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ, ଜଗଦଲପୁର ଗ୍ରାମର ଯୁବକ ଶିବ ଦାସ ୬ତାରିଖ ରାତିରେ ଦଣ୍ଡନାଚ ଦେଖିବାକୁ ଯାଉଥିବା ବେଳେ କମାପଲ୍ଲୀ ଅଞ୍ଚଳର ୭ରୁ ୮ଜଣ ଯୁବକ ମିଳିତଭାବେ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ।

ଏପରିକି ଧାରୁଆ ଅସ୍ତ୍ର ଧରି ଆକ୍ରମଣ କରିବାକୁ ଉଦ୍ୟମ କରିବା ସହ ଶିବଙ୍କ ନିକଟରେ ଥିବା ଟଙ୍କା ଛଡାଇ ନେଇଥିବା ଶିବଙ୍କ ମାଆ ଛବି ଦାସ ନିମଖଣ୍ଡି ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ତାଙ୍କ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେହିପରି କମ୍ମାପଲ୍ଲୀର ଟୁକୁନା ଦାସ ଜଗଦଲପୁର ଯିବା ବାଟରେ ବଡ ବାଉରୀ ସାହିର କିଛି ଯୁବକ ତାଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଏବଂ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ତାଙ୍କ ନିକଟରୁ କିଛି ଟଙ୍କା ଛଡାଇ ନେଇ ଯାଇଥିବା ନେଇ ଟୁକୁନାଙ୍କ ମାଆ ବନି ମହାରଣା ଥାନାରେ ଅଭିଯୋଗ କରିଛନ୍ତି।

ପୁଲିସ ତାଙ୍କ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଥାଉକି, ଗତକାଲି ଜଗଦଲପୁର ଗ୍ରାମରେ ବୋମା ଆତଙ୍କ ଦେଖା ଦେଇଥିଲା। ଉପରୋକ୍ତ ୨ଗୋଷ୍ଠୀ ମଧ୍ୟରେ ଘଟିଥିବା ଗଣ୍ଡଗୋଳ ଯୋଗୁଁ ବୋମାମାଡ ହେବାର ଆଶଙ୍କା ପ୍ରକାଶ ପାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା।

ମାନବ ଅଧିକାର ସୁରକ୍ଷା ମଞ୍ଚର ବିକ୍ଷୋଭ

## ଏମ୍‌କେସିଜିର ବିଭିନ୍ନ ସମସ୍ୟା ନେଇ ଘଣ୍ଟ ବଜାଇ ପ୍ରତିବାଦ




ବ୍ରହ୍ମପୁର, ୮।୪(ସମିସ)

ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଏମକେସିଜି ମେଡିକାଲର ବିଭିନ୍ନ ସମସ୍ୟା ନେଇ ଆରଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହା ସହ ମଞ୍ଚର ଆବାହକ ଆଇନଜୀବୀ ଅବନୀ ଗୟାଙ୍କ ନେତୃତ୍ୱରେ ୧୧୯ତମ ଘଣ୍ଟ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମେଡିକାଲ ପରିସରରେ ବେନିୟମ ଭାବେ ଆଦାୟ ହେଉଥିବା ପାର୍କି ଫି ବନ୍ଦ କରିବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଛି। କଟକ ଓ ଭୁବନେଶ୍ୱରରେ ଘର ଟିକସ ବୃଦ୍ଧିକୁ ପ୍ରତ୍ୟାହାର କରିବା ଭଳି ବ୍ରହ୍ମପୁରରେ ମଧ୍ୟ ବର୍ଦ୍ଧିତ ଟିକସ ସଂଗ୍ରହ ବନ୍ଦ କରିବାକୁ ଦାବି ହୋଇଛି। ସେହିପରି ଏମକେସିଜି ମେଡିକାଲର ବହୁ ବରିଷ୍ଠ ଡାକ୍ତରମାନେ ବହିର୍ବିଭାଗରେ ରୋଗୀ ଦେଖା ସମୟରେ ଅନୁପସ୍ଥିତ ରହୁଥିବା ବେଳେ ଅନ୍ତଃବିଭାଗରେ ପରିଦର୍ଶନରେ ଆଦୌ ଯାଉନାହାନ୍ତି। ଫଳରେ ମେଡ଼ିକାଲକୁ ବହୁ ଦୂର ଦୁରାନ୍ତରରୁ ଆସୁଥିବା ରୋଗୀମାନେ ଚିକିତ୍ସା ନପାଇ ହନ୍ତସନ୍ତ ହେଉଛନ୍ତି। ଏଭଳି କ୍ଷେତ୍ରରେ ବରିଷ୍ଠ ଡାକ୍ତରଙ୍କ ବିରୋଧରେ ଶକ୍ତ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ଅନ୍ୟମାନଙ୍କ ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ସମ୍ପାଦକ ସୁବାଷ ଚନ୍ଦ୍ର ମିଶ୍ର, ସାଲ୍ଲା କେଶବ ଲିଙ୍ଗମ, ପି. ନାଗେଶ୍ୱର ରାଓ, ଶିବ ସୁନ୍ଦର ରଥ, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, କବିରାଜ ସାହୁ, ସାଧୁ ଚରଣ ବେହେରା, ଜୟକୃଷ୍ଣ ନାୟକ, ରମେଶ ପ୍ରସାଦ ଦାସ, ଗଗନ ଚାନ୍ଦ ପ୍ରଧାନ, କେ. ଏନ. ସେନାପତି, ମନୋଜ କୁମାର ତରାଇ, କେ. ଶ୍ରୀନିବାସ ରାଓ, ଅଳକା ନାଥ ମିଶ୍ର, ରାମଚନ୍ଦ୍ର ବାଡ଼ତ୍ୟା, ସଞ୍ଜୀବ କୁମାର ପଟ୍ଟନାୟକ, କାହ୍ନୁ ଚରଣ ପାତ୍ର, ପ୍ରଶାନ୍ତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଆଇନଜୀବୀଙ୍କ ବିୟୋଗରେ କୋର୍ଟ କାର୍ଯ୍ୟବନ୍ଦ

**ବ୍ରହ୍ମପୁର, ୮।୪(ସମିସ):** ଗଞ୍ଜାମ ଓକିଲ ସଂଘର ବରିଷ୍ଠ ଆଇନଜୀବୀ ପ୍ରସନ୍ନ ପଟ୍ଟନାୟକ (୬୮)ଙ୍କ ବିୟୋଗ ହୋଇଛି। ସୋମବାର ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ଏନେଇ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ପଟ୍ଟନାୟକ ଗଞ୍ଜାମ ଓକିଲ ସଂଘର ଜଣେ ବରିଷ୍ଠ ତଥା ନିୟମିତ ସଦସ୍ୟ ଥିଲେ। ଗତ କିଛି ମାସ ଧରି ସେ ପକ୍ଷାଘାତ ରୋଗରେ ପୀଡିତ ଥିଲେ। ତେବେ ଶନିବାର ହୃଦଘାତରେ ତାଙ୍କର ମୃତ୍ୟୁ ଘଟିଥିଲା। ଓକିଲ ସଂଘର ସଭାପତି ନୟନ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ ଆଇନଜୀବୀଙ୍କ ଅମର ଆତ୍ମାର ସଦଗତି କାମନା କରି ୨ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପରି ଶୋକସନ୍ତପ୍ତ ପରିବାରବର୍ଗଙ୍କ ପାଇଁ ସମବେଦନା ଜ୍ଞାପନ କରାଯାଇଥିଲା। ସଂଘ ଇତି ମଧ୍ୟରେ ବହୁ ଆଇନଜୀବୀଙ୍କୁ ଅକାଳରେ ହରାଇଛି ବୋଲି ଗଞ୍ଜାମ ଓକିଲ ସଂଘ ସଭାପତି କହିଛନ୍ତି। ସ୍ୱର୍ଗତ ଆଇନଜୀବୀଙ୍କ ପରିବାର ବର୍ଗଙ୍କୁ ସଂଘ ପକ୍ଷରୁ ୫୦ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯିବା ପାଇଁ ନିଷ୍ପତ୍ତି ହୋଇଥିବା ସମ୍ପାଦକ ବିରଞ୍ଚି ନାରାୟଣ ମହାପାତ୍ର କହିଛନ୍ତି। ଏହି ସ୍ମୃତିସଭାରେ ସଂଘର ଉପ ସଭାପତି ରାମ ପ୍ରସାଦ ପଣ୍ଡା ଓ ଯୁଗ୍ମସମ୍ପାଦକ ଗିରିଜା ଶଙ୍କର ବେହେରା ଉପସ୍ଥିତ ଥିଲେ। ସେହିପରି ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ମୋହନ ସିଙ୍ଗାରି, ଅକ୍ଷୟ ପଟ୍ଟନାୟକ, ଅଶୋକ ଶୁକ୍ଳ, ମନୋଜ ପଟ୍ଟନାୟକ, ବରୁଣ ଗୌଡ଼, ରଘୁନାଥ ପାଣିଗ୍ରାହୀ, ପ୍ରଦୀପ କୁମାର ଶତପଥୀ, କରୁଣାକର ପାଣିଗ୍ରାହୀ, ପ୍ରମିତ ମହାପାତ୍ର, ତାପସ ସାହୁ, ମଳୟ ଦାଶ, ଅସିତ ସାବତ, ବି. ନାଗେଶ୍ୱର ରାଓ, ଅନିରୁଦ୍ଧ କୁମାର ପାତ୍ର, ସୂର୍ଯ୍ୟନାରାୟଣ ଚୌଧୁରୀ, ବିଶ୍ୱଜିତ ସେଠୀ, ଅରୁଣ ବିଶ୍ୱାଳ, ଚନ୍ଦୁ ପଟ୍ଟନାୟକଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ସୋମବାର ୨ଘଣ୍ଟା ପାଇଁ ଓକିଲ ସଂଘ ତରଫରୁ ଜିଲ୍ଲା ଜଜ୍‌କୋର୍ଟ ସମେତ ସମସ୍ତ ନିମ୍ନ ଅଦାଳତ ଗୁଡିକରେ ଓକିଲଙ୍କ ପକ୍ଷରୁ କୋର୍ଟ କାର୍ଯ୍ୟ ବନ୍ଦ ରହିଥିଲା।



## ଓଡ଼ିଶାର ରାଜସ୍ୱ କ୍ଷତି

# ଆନ୍ଧ୍ର ବ୍ୟବସାୟୀ ମାଲାମାଲ୍

**ରାଜ୍ୟ ବାହାରର ବ୍ୟବସାୟୀଙ୍କ ଜମି ବିକ୍ରି**

କାଶୀନଗର, ୮ ।୪(ସମିସ): ଗଜପତି ଜିଲ୍ଲା କାଶୀନଗର ସହରର ଆଖପାଖ ଅଞ୍ଚଳରେ ଥିବା ଜମିକୁ



ଆନ୍ଧ୍ର ବ୍ୟବସାୟୀ କିଣି ସେଥିରେ ପ୍ଲଟିଂ ଆରି ବେପାର କରି ମାଲାମାଲ ହେଉଛନ୍ତି । କିନ୍ତୁ ଉକ୍ତ ଜମିରେ ବେଆଇନ ମାଟି ଭର୍ତ୍ତିକରି ପ୍ଲଟିଂ କରିଥିବା ବେଳେ ଲକ୍ଷାଧିକ ଟଙ୍କାର ରାଜସ୍ୱ ସରକାର ହରାଉଥିବା ଅଭିଯୋଗ ହେଉଛି । କାଶୀନଗର ସହରର ଆଖପାଖ ବହୁ ସ୍ଥାନରେ ଏହିପରି ବେଆଇନ ମାଟି ଚାଲାଣ ହେଉଥିବା ବେଳେ ମାଇନିଂ ବିଭାଗ ନୀରବ ସାଜିଛି । ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ବେଳେ ଆନ୍ଧ୍ର ବ୍ୟବସାୟୀଙ୍କ ରାଜୁତି ଦିନକୁ ଦିନ ବଢ଼ି ଚାଲିଛି । ସେହିପରି ବଂଶଧାରା ନଦୀ ମୁହାଣରୁ ମଧ୍ୟ ବାଲି ଟ୍ରାକ୍ଟର ଯୋଗେ ଚୋରାଚାଲାଣ ହେଉଛି । ଏନେଇ ମାଇନିଂ ବିଭାଗ ବେଆଇନ ବାଲି ଓ ମାଟି ଚାଲାଣକାରୀଙ୍କ ପ୍ରତି କୌଣସି କାର୍ଯ୍ୟନୁଷ୍ଠାନ ଗ୍ରହଣ କରୁନାହିଁ । ଚାଲାଣକାରୀ ଗୋଟିଏ ଗାଡ଼ିର ଜରିମାନା ରସିଦରେ ୧୦ ଗାଡ଼ିରେ ମାଟି ଚାଲାଣ କରୁଥିବା ଅଭିଯୋଗ ହେଉଛି । ପୂର୍ବରୁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ମାଟି ଉଠାଇବା ପାଇଁ ରାଜସ୍ୱ ଅର୍ଥ ପୈଠ କରି ମାଟି ଉଠାଯାଇଥିଲା କିମ୍ବା ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରାଯାଉଥିଲା । ବର୍ତ୍ତମାନ୍ ମାଇନିଂ ବିଭାଗ ଦାୟିତ୍ୱ ନେବା ପରେ ବେଆଇନ ମାଟି ଓ ବାଲି ଚାଲାଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ବିଭିନ୍ନ ସମୟରେ କାଶୀନଗର ଥାନା ତରଫରୁ ପାଟ୍ରୋଲିଂ ସମୟରେ ବେଆଇନ ଚୋରାଚାଲାଣ ଗାଡ଼ିକୁ ଜବତ କରି ସେଥିପ୍ରତି କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଉଥିବା ସତ୍ତ୍ୱେ ଚୋରାଚାଲାଣ ବନ୍ଦ ହେଉନାହିଁ । ମାଇନିଂ ବିଭାଗ ସହ ବେଆଇନ ଚୋରାଚାଲାଣକାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକରେ ବହୁ ମାଟି ବାଲି କାଶୀନଗର ଅଞ୍ଚଳରୁ ଚୋରାଚାଲାଣ ହେଉଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । କିଛି ରାଜନୈତିକ ଦଳର କୁଜିନେତା ଓ ଏ କ୍ଲାସ ଠିକାଦାର ଏଥିରେ ସମ୍ପୃକ୍ତ ଥିବା ସହ ଆନ୍ଧ୍ର ବ୍ୟବସାୟୀଙ୍କୁ ବେଆଇନ କାର୍ଯ୍ୟରେ ସାହାଯ୍ୟ କରୁଛନ୍ତି ବୋଲି ଚର୍ଚ୍ଚା ହେଉଛି । ମାଇନିଂ ବିଭାଗର ଅବହେଳା ଯୋଗୁଁ ଓଡ଼ିଶା ସରକାର ବହୁ ରାଜସ୍ୱ କ୍ଷତି ହେଉଥିବା ନେଇ ବୁଦ୍ଧିଜୀବୀ ପ୍ରତିକ୍ରିୟା ରଖିଛନ୍ତି । ଉକ୍ତ ବେଇଆଇନ ଚୋରାଚାଲାଣ ପ୍ରତି ଜିଲ୍ଲା ପ୍ରଶାସନ ଓ ମାଇନିଂ ବିଭାଗ ଦୃଢ଼ ପଦକ୍ଷେପ ନେବା ସହ ଚାଲାଣକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି ।



## ଯୁକ୍ତ ତିନି ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା




ଟିକାବାଲି, ୮ ।୪(ସମିସ): କନ୍ଧମାଳ ଜିଲ୍ଲା ଟିକାବାଲିସ୍ଥିତ ଏଏମସିଏସ ମହାବିଦ୍ୟାଳୟରେ ଅଧ୍ୟକ୍ଷା ବିଷ୍ଣୁପ୍ରିୟା ପଣ୍ଡାଙ୍କ ସଭାପତିତ୍ୱରେ ରାଜନୀତି ବିଜ୍ଞାନ ବିଭାଗ ଯୁକ୍ତ ତିନି ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ବନମାଳୀ ବେହେରା ସ୍ୱାଗତ ଭାଷଣ ଦେଇଥିଲେ । ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ବିଷ୍ଣୁପ୍ରସାଦ ରଥ, ଇଂରାଜୀ ବିଭାଗ ମୁଖ୍ୟ ଅଧ୍ୟାପକ ନରେନ୍ଦ୍ର ଦିଗାଲ, ଗଣିତ ବିଭାଗର ବିରୂପାକ୍ଷ ତ୍ରିପାଠୀ, ଅଧ୍ୟାପକ ରତନ ଦିଗାଲ, ଅଭୟ ପ୍ରଧାନ, ସଂଘମିତ୍ରା ଦାସ, ଜ୍ଞାନରଞ୍ଜନ ଭୋଇ ଓ ମନୋଜ ଭୋଇ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବଷ୍ୟତ କାମନା କରିଥିଲେ । ଯୁକ୍ତ ତିନି ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ଜି.ଉଦୟଗିରି ବନ୍ଧଛକରେ ପଞ୍ଚୁଦଣ୍ଡ ମହାମିଳନ



ଜି.ଉଦୟଗିରି, ୮ ।୪(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବନ୍ଧଛକରେ ସୋମବାର ପଞ୍ଚୁଦଣ୍ଡ ମହାମିଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ପଞ୍ଚୁ ଦଣ୍ଡ ପରିଚାଳନା କମିଟି ତରଫରୁ ଏଥିନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ମହା ମିଳନରେ ପେନାଲା, ଡୁଙ୍ଗି, ଗଣ୍ଡଗାଁ, କଇଁଝର ଏବଂ ବୁର୍ବୀ ଗ୍ରାମର ଦଣ୍ଡକାଳୀ ଦଳ ସାମିଲ ହୋଇଥିଲେ । ପରିଚାଳନା କମିଟି ସଭାପତି ଅଜିତ କୁମାର ସାହୁ ଦାୟିତ୍ୱ ନେଇଥିଲେ । ବହୁ ସଂଖ୍ୟକ ଅଞ୍ଚଳବାସୀ ଉପସ୍ଥିତ ରହି ମହାମିଳନର ଅପୂର୍ବ ମିଳନ ଦର୍ଶନ କରିବା ସହ ଅପାର କୃପା ଆଶୀର୍ବାଦ ଲାଭ କରିଥିଲେ । ଶାନ୍ତି, ଶୃଙ୍ଖଳାର ପଞ୍ଚୁଦଣ୍ଡ ମହାମିଳନ ହୋଇଥିଲା ।

## ବ୍ରାହ୍ମଣୀଗାଁ ପୁଲିସର ଯାଞ୍ଚ୍ ଓ ଫ୍ଲାଗମାର୍ଚ୍ଚ



ଦାରିଙ୍ଗବାଡ଼ି, ୮ ।୪(ସମିସ): ରାଜ୍ୟର ବିଭିନ୍ନ ସ୍ଥାନରେ ବିଭିନ୍ନ ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ । ପ୍ରଶାସନିକ ସ୍ତରରେ ସମସ୍ତ ନିର୍ବାଚନ କିପରି ସୁରୁଖୁରୁରେ ହେବ ସେଥିପାଇଁ ପ୍ରସ୍ତୁତି ଚାଲୁଛି । କନ୍ଧମାଳ ଜିଲ୍ଲାରେ ମେ ୨୦ ତାରିଖରେ ହେବାକୁ ଥିବା ନିର୍ବାଚନ କିପରି ଅବାଧ ଓ ଶୃଙ୍ଖଳିତ ହେବ ସେଥିପାଇଁ ପୁଲିସର ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି । ଜି.ଉଦୟଗିରି ନିର୍ବାଚନମଣ୍ଡଳୀର ଦାରିଙ୍ଗବାଡ଼ି ଏବଂ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ବ୍ୟବସ୍ଥା କିପରି ଠିକ ରହିବ ଓ ନିର୍ବାଚନ କିପରି ଠିକରେ ସରିବ ସେଥିପାଇଁ ବ୍ରାହ୍ମଣୀଗାଁ ପୁଲିସ ପକ୍ଷରୁ ଗଦାପୁରରେ ଫ୍ଲାଗ ମାର୍ଚ୍ଚ କରାଯାଇଛି । ବିଭିନ୍ନ ଛକରେ ନାକା ଗେଟ କରି ପୁଲିସ ଯାଞ୍ଚ କରୁଛି । ଥାନା ଅଧିକାରୀ ଚିରଞ୍ଜିବୀ ବେହେରାଙ୍କ ତତ୍ତ୍ୱାବଧାନରେ ଏସଆଇ ଅମରେନ୍ଦ୍ର ସୁବୁଦ୍ଧି, ଏଏସଆଇ ଜିତେନ୍ଦ୍ର ବେହେରା, ଏଏସଆଇ ରମାକାନ୍ତ ସେଠୀ ଓ ପୁଲିସ ଫୋର୍ସ ଫ୍ଲାଗ ମାର୍ଚ୍ଚରେ ସାମିଲ ହୋଇଥିଲେ । ଜନସାଧାରଣ ପୁଲିସକୁ ସହଯୋଗ କରିବା ସହ ନିର୍ବାଚନକୁ ଶୃଙ୍ଖଳିତ ସମାପନ କରିବାକୁ ଅନୁରୋଧ କରିଥିଲେ ।

## ଏଏମ୍‌ସିଏସ୍ କଲେଜରେ ବିଦାୟ ସମ୍ବର୍ଦ୍ଧନା



ଟିକାବାଲି, ୮ ।୪(ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ଏଏମସିଏସ କଲେଜ ଯୁକ୍ତ ତିନି ଇତିହାସ ବିଭାଗ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଆୟୋଜିତ ସଭାରେ ଅଧ୍ୟକ୍ଷା ବିଷ୍ଣୁପ୍ରିୟା ପଣ୍ଡା ସଭାପତିତ୍ୱ କରିଥିଲାବେଳେ ମୁଖ୍ୟ ଅଧ୍ୟାପକ ବିଷ୍ଣୁ ପ୍ରସାଦ ରଥ ସ୍ୱାଗତ ଭାଷଣ ଦେଇଥିଲେ । ରାଜନୀତି ବିଜ୍ଞାନର ମୁଖ୍ୟ ଅଧ୍ୟାପକ ବନମାଳି ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଅଧ୍ୟାପକ ଅଭୟ ପ୍ରଧାନ, ଅଧ୍ୟାପିକା ଶୁଭଶ୍ରୀ ବାରିକ, ମନୋଜ କୁମାର ଭୋଇ ଏବଂ ପ୍ରଦୋଷ କୁମାର ସାହୁ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ପ୍ରଥମ ବର୍ଷ ଏବଂ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀ ସଭାର ଆୟୋଜନ କରିଥିଲେ । ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ସିମନବାଡ଼ିରେ ପଞ୍ଚୁଦଣ୍ଡ ମିଳନ



ଦାରିଙ୍ଗବାଡି, ୮।୪(ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ସିମନବାଡ଼ି ଦୁର୍ଗାମଣ୍ଡପରେ ପଞ୍ଚୁଦଣ୍ଡ ପରିଚାଳନା କମିଟି ପକ୍ଷରୁ ଦ୍ୱିତୀୟ ବାର୍ଷିକ ପଞ୍ଚୁଦଣ୍ଡ ମିଳନ ଅନୁଷ୍ଠିତ ହୋଇଥିଲା । ଏଥିରେ ଗ୍ରୀନବାଡ଼ି, କେଲେମାହା, ଗୁଞ୍ଜିବାଡ଼ି, କରଣ୍ଡାଗଡ଼ ଓ ଲେତିଙ୍ଗିଆ ଦଳ ଅଂଶଗ୍ରହଣ କରିଥିଲେ । ଦିନ ୧ ଟାରେ ଧୂଳିଦଣ୍ଡ ଅନୁଷ୍ଠିତ୍ ହୋଇଥିବା ବେଳେ ରାତି ୭ ଟା ସମୟରେ ପଞ୍ଚୁଦଣ୍ଡ ମିଳନ ହୋଇଥିଲା । ହଜାର ହଜାର ଭକ୍ତ ଯୋଗ ଦେଇ ପଞ୍ଚୁଦଣ୍ଡ ମିଳନର ଦର୍ଶନ ଲାଭ କରିଥିଲେ । ମାନସିକ ଧାରୀ ମଧ୍ୟ ନିଜର ମାନସିକ ମୁତାବକ ପୂଜାର୍ଚ୍ଚନା କରିଥିଲେ । ମିଳନ ଉତ୍ସବରେ ସଭାପତି ଅରୁଣ ସାହୁ ପରିଚାଳନା କରିଥିବା ବେଳେ ସରୋଜ ସାହୁ, ବିନୋଦ ସାହୁ, ଚିତ୍ତରଞ୍ଜନ ପ୍ରଧାନୀ, ଗିରିଶ ଚନ୍ଦ୍ର ସାହୁ, ଚିତ୍ତରଞ୍ଜନ ସାହୁଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରିଥିଲେ । ମିଳନରେ ଜି. ଉଦୟଗିରି ବିଧାୟକ ପ୍ରାର୍ଥୀ ସାଲୁଗା ପ୍ରଧାନ ଯୋଗ ଦେଇଥିଲେ । ବିଡ଼ିଓ ଗଦାଧର ପାତ୍ର ଓ ଅତିରିକ୍ତ ତହସିଲଦାର କୃଷ୍ଣଚନ୍ଦ୍ର ନାୟକ ଉପସ୍ଥିତ ରହି ଆଇନି ଶୃଙ୍ଖଳା ପରିସ୍ଥିତି ତଦାରଖ କରିଥିଲେ । ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଏସଆଇ ଜିତେନ୍ଦ୍ର ବେହେରା, ଏଏସଆଇ ପି. ସିର୍ନିବାସ ରାଓଙ୍କ ସମେତ ପୁଲିସ ଫୋର୍ସ ମୁତୟନ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ ।

## ମୋ ଭୋଟ, ମୋ ଅଧିକାର ନେଇ ସଚେତନତା କାର୍ଯ୍ୟକ୍ରମ




ଦାରିଙ୍ଗବାଡି, ୮।୪(ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ସିମନବାଡ଼ି ପଞ୍ଚାୟତ ସାମ୍ନାରେ ଦାରିଙ୍ଗବାଡି ବ୍ଲକ ପକ୍ଷରୁ ମୋ ଭୋଟ ମୋ ଅଧିକାର ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ନିର୍ବାଚନର ପର୍ବ ଦେଶର ଗର୍ବ, ମୋ ଭୋଟ ମୋ ଅଧିକାର ନେଇ ନାଟକ ଜରିଆରେ ଲୋକଙ୍କୁ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଡ଼ିଓ ଗଦାଧର ପାତ୍ର ବଜାର ପରିକ୍ରମା କରି ଏନେଇ ଲୋକଙ୍କୁ ସଚେତନ କରିଥିଲେ । କାର୍ଯ୍ୟକ୍ରମରେ ପିଇଓ ପ୍ରଭାତ ଚନ୍ଦ୍ର ପ୍ରଧାନ, ଜିଆରଏସ ନରେନ୍ଦ୍ର ପରାସେଠ୍, ବନାନୀ ସାରସ୍ୱତ ପରିଷଦ ସଭାପତି ପତିତପାବନ ରାଉତ ଓ ମହେଶ୍ୱର ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

### ଆବାସିକ ଛାତ୍ରାବାସ ଆସନ ବୃଦ୍ଧି ପାଇଁ ଅଭିଭାବକଙ୍କ ଦାବି

## ଖାଲି ୫୦ ସିଟ୍ ପାଇଁ ପ୍ରବେଶିକା ପରୀକ୍ଷା ଦେଲେ ୧୨୬ ବିଦ୍ୟାର୍ଥୀ



ଜି.ଉଦୟଗିରି, ୮।୪(ସମିସ): ଗରିବ ଅସହାୟ ଛାତ୍ରଛାତ୍ରୀ ଛାତ୍ରାବାସ ରେ ରହି ପାଠ ପଢ଼ିବା ପାଇଁ ସରକାର ଅନେକ ବ୍ୟବସ୍ଥା କରିଥିବା ବେଳେ କନ୍ଧମାଳ ଜିଲ୍ଲା ରେ ହଜାର ହଜାର ଛାତ୍ରଛାତ୍ରୀ ଏଥିରେ ଉପକୃତ ହେଉଛନ୍ତି । ହେଲେ ସେମାନଙ୍କ ପାଇଁ ଯେଉଁ ସଂଖ୍ୟକ ଆସନ ରହିଛି ତାହା ଯଥେଷ୍ଟ ହେଉ ନଥିବା କୁହାହାଉଛି । ଏଭଳି ସମସ୍ୟା ଜି. ଉଦୟଗିରି ନିକଟସ୍ଥ କଳିଙ୍ଗାରେ ଦେଖିବାକୁ ମିଳିଛି । କଳିଙ୍ଗା ଉଚ୍ଚ ବିଦ୍ୟାଳୟ ମଧ୍ୟରେ ଥିବା ଆବାସିକ ଛାତ୍ରାବାସରେ ରହି ଅଧ୍ୟୟନ କରିବା ନିମନ୍ତେ ସୋମବାର ପ୍ରବେଶିକା ପରୀକ୍ଷା କଳିଙ୍ଗା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ମୋଟ ୨୦୦ ଜଣ ଛାତ୍ରଙ୍କ ରହିବା ନିମନ୍ତେ ସୁବିଧା ଥିବାବେଳେ ପୂର୍ବରୁ ଷଷ୍ଠ, ସପ୍ତମ, ଅଷ୍ଟମ, ନବମ ଏବଂ ଦଶମ ଶ୍ରେଣୀର ୧୫୦ ଜଣ ଛାତ୍ର ରହୁଛନ୍ତି । ବର୍ତ୍ତମାନ ମାତ୍ର ୫୦ ଖାଲିଥିବା ସିଟ ପାଇଁ ୧୫୪ ଜଣ ଛାତ୍ର ଆବେଦନ କରିଥିବା ବେଳେ ୧୨୬ ପ୍ରବେଶିକା ପରୀକ୍ଷା ଦେଇଥିବା ସୂଚନା ମିଳିଛି । ମଙ୍ଗଳବାର ଫଳ ପ୍ରକାଶ କରାଯିବ । ୫୦ ସିଟ ପାଇଁ ଏତେ ସଂଖ୍ୟାକ ଆବେଦନ କରିଥିବାରୁ ସିଟ ସଂଖ୍ୟା ବୃଦ୍ଧି କରିବାକୁ ଦାବି ହେଉଛି । ଉକ୍ତ ପରୀକ୍ଷାକୁ କଳିଙ୍ଗା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଏସ.ସୀମାଞ୍ଚଳ ପାତ୍ର ପରିଚାଳନା କରିଥିବା ବେଳେ ଶିକ୍ଷକ ଦିଲୀପ କୁମାର ନାୟକ, ଅରୁଣ କୁମାର ତ୍ରିପାଠୀ ଏବଂ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ସାହୁ ସହଯୋଗ କରିଥିଲେ ।

ଅନ୍ୟପକ୍ଷରେ ସ୍କୁଲରେ ୮ ଜଣ ଶିକ୍ଷକଙ୍କ ବଦଳରେ ୨ ଦୁଇ ଜଣ ଥିବା ଏବଂ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ଆସନ୍ତା ମାସରେ ଅବସର ନେବା ସହିତ କେହି ଟ୍ରେଣ୍ଡ ଶିକ୍ଷକ ନ ଥିବା ସମସ୍ୟାକୁ ନେଇ ଗତି କରୁଥିବା ଶିକ୍ଷାନୁଷ୍ଠାନ ରେ କିଭଳି ଶିକ୍ଷା ଦିଆଯିବା ସହିତ ଛାତ୍ରାବାସ ଚାଲିବ ତାହାକୁ ନେଇ ଅଞ୍ଚଳବାସୀ ଚିନ୍ତା ପ୍ରକଟ କରିଛନ୍ତି ।

## ଅଖାରେ ବନ୍ଧା ମୃତ ଗାଈକୁ ନେଇ ଉତ୍ତେଜନା




କାଶୀନଗର, ୮ ।୪(ସମିସ): ଗଜପତି ଜିଲ୍ଲା କାଶୀନଗର ଥାନାଠାରୁ ୨କିମି ଦୂରରେ ଥିବା ଏକ କେନାଲରେ ଏକ ମୃତ ଗାଈ ଅଖାରେ ବନ୍ଧା ହୋଇ ପଡ଼ିଥିବା ଦେଖିବାକୁ ମିଳିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା । କାଶୀନଗର ସହରରୁ ୨କିମି ଦୂରରେ ଥିବା କେନାଲରେ ଏକ କଙ୍କାଳ ପଡ଼ିରହିଥିବା ନେଇ କାଶୀନଗର ପୁଲିସକୁ ସୂଚନା ମିଳିଥିଲା । ଥାନା ଅଧିକାରୀ ଗୋବିନ୍ଦ ଗୌଡ଼ ଉକ୍ତ ସ୍ଥାନରେ ପହଞ୍ଚି ତଦାରଖ କରିଥିଲେ । ଗଜପତି ଜିଲ୍ଲା ଏସ୍‌ପି ସ୍ୱାତୀ ଏସ କୁମାରଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ମାଧବନନ୍ଦ ନାୟକଙ୍କ ତତ୍ତ୍ୱାବଧାନରେ ଥାନା ଅଧିକାରୀଙ୍କ ସମେତ ସାଇଣ୍ଟିଫିକ ଟିମ୍ ଓ ଅଗ୍ନିଶମ ବିଭାଗ ଉକ୍ତ ସ୍ଥାନରେ ପହଞ୍ଚି ତଦନ୍ତ କରିଥିଲେ । ତଦନ୍ତ ସମୟରେ ସ୍ଥାନୀୟ ତହସିଲଦାର ଅଶୋକ ପ୍ରଧାନ ଉପସ୍ଥିତ ଥିଲେ । କେନାଲରେ ପଡ଼ି ରହିଥିବା ଅଖାରୁ ଏକ ମୃତ ଗାଈର କଙ୍କାଳ ଥିବା ଦେଖିବାକୁ ମିଳିଥିଲା । ଉକ୍ତ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିଲା ।

## ୨୦ ଦିନ ହେଲା ବୃଦ୍ଧ ନିଖୋଜ; ଥାନାରେ ଏତଲା

ଫୁଲବାଣୀ, ୮।୪(ସମିସ): ଜନୈକ ୭୦ ବର୍ଷର ବୃଦ୍ଧ ଗତ ୧୨ ତାରିଖରୁ ନିଖୋଜ ଅଛନ୍ତି । ପରିବାର ଲୋକେ ଅନେକ ଖୋଜାଖୋଜି ପରେ ମଧ୍ୟ ତାଙ୍କର ସନ୍ଧାନ ନ ପାଇବାରୁ ସୋମବାର ବାଧ ହୋଇ ଫୁଲବାଣୀ ଟାଉନ ଥାନାରେ ଏତଲା ଦେଇଛନ୍ତି । ଏତଲା ଅନୁଯାୟୀ, ସ୍ଥାନୀୟ ଶ୍ରୀକ୍ଷେତ୍ର କଲୋନୀର ପ୍ରାଣବନ୍ଧୁ ମାଝୀ ଗତ ୧୨ ତାରିଖ ଅପରାହ୍ନରେ ଫୁଲବାଣୀର ଜନୈକ ବ୍ୟକ୍ତିଙ୍କ ଘରକୁ ଯାଉଛି କହି ବାହାରି ଥିଲେ । ତେବେ ସେ ଆଉ ଘରକୁ ଫେରି ନ ଥିଲେ । ବିଳମ୍ବ ହେବାରୁ ଘର ଲୋକେ ସମ୍ପୃକ୍ତ ବ୍ୟକ୍ତିଙ୍କ ଘରକୁ ଯାଇ ଖୋଜିଥିଲେ । କିନ୍ତୁ ସେ ସେଠାକୁ ଯାଇ ନ ଥିବା ଜଣା ପଡ଼ିଥିଲା । ପରେ ଅନ୍ୟ ବନ୍ଧୁବାନ୍ଧବଙ୍କ ଘରେ ମଧ୍ୟ ପରିବାର ଲୋକେ ଖୋଜାଖୋଜି କରିଥିଲେ ବି ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା । ଆଜି ପର୍ଯ୍ୟନ୍ତ ପ୍ରାଣବନ୍ଧୁ ଘରକୁ ଫେରି ନ ଥିବାରୁ ଚିନ୍ତାରେ ଅଛନ୍ତି ଘରଲୋକେ । ପ୍ରାଣବନ୍ଧୁଙ୍କ ଝିଅ ମନସ୍ୱିନୀ ଟାଉନ ଥାନାରେ ଏ ନେଇ ଏତଲା ଦେଇଛନ୍ତି । ଏତଲା ଆଧାରରେ ତଦନ୍ତ ଚାଲିଥିଲା ଥାନା ଅଧିକାରୀ କନକ କୁମାର ମାଝୀ ସୂଚନା ଦେଇଛନ୍ତି ।

## ନଳକୂପ ଅଚଳ, ମରାମତି ଦାବି

ଫିରିଙ୍ଗିଆ, ୮।୪(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଭୃଙ୍ଗିଯୋଡି ପଞ୍ଚାୟତ ଭୃଙ୍ଗିଯୋଡି ସାସିପାଙ୍ଗା ଗାଁରେ ନଳକୂପ ଅଚଳ ହୋଇପଡ଼ିଛି । ଏଥିଯୋଗୁଁ ଖରା ଦିନ ରେ ପାଣି ପାଇଁ ଲୋକେ ଡହଳ ବିକଳ ହେଉଛନ୍ତି । ଖରା ଦିନେ କୂଅ, ପୋଖରୀ ଶୁଖିଯିବା ଫଳରେ ଜନ ସାଧାରଣ ଟୋପାଏ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅଭିଯୋଗ ମୁତାବକ ସାସିପାଙ୍ଗା ଗାଁରେ ୧୦ ରୁ ୧୫ ପରିବାର ବସବାସ କରୁଥିବା ବେଳେ ପାନୀୟ ଜଳ ପାଇଁ ନଳକୂପ ହିଁ ଭରସା ରହିଛି । କିନ୍ତୁ ଦୁଇ ମାସ ହେବ ନଳକୂପ ଅଚଳ ହୋଇ ପଡ଼ିଥିବାରୁ ଗ୍ରାମବାସୀ କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି । ଗ୍ରାମରେ ଦୁଇଟି କୂପ ଥିଲେ ମଧ୍ୟ ପାଣି ଶୁଖି ଯାଇଥିବା ଯୋଗୁଁ ଅଞ୍ଚଳ ବାସୀ ନଳକୂପ ଉପରେ ନିର୍ଭର କରନ୍ତି । ନଳକୂପ ଅଚଳ ହୋଇ ପଡ଼ିଥିବା ଯୋଗୁଁ ବର୍ତ୍ତମାନ ଏଠାକାର ଲୋକେ ପାଣି ସମସ୍ୟା ରହି ଆସୁଥିବା କହିଛନ୍ତି । ମରାମତି ପାଇଁ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ କେହି ଶୁଣୁ ନଥିବା ଗାଁର ସ୍ୱର୍ଣ୍ଣଲତା ବଗତ୍ତୀ, ଶାନ୍ତି ବଗତ୍ତୀ, କମଳା ବଗତ୍ତୀ, ସୁମତି ବଗତ୍ତୀ, ନୀଳାବତୀ ବଗତ୍ତୀ ସମେତ ଅନ୍ୟ ଗ୍ରାମବାସୀ କହିଛନ୍ତି । ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଅଚଳ ନଳକୂପର ମରାମତି ସାଙ୍ଗକୁ ନୂତନ ନଳକୂପ ସ୍ଥାପନ ପାଇଁ ଦାବି ହେଉଛି ।



### ନାମନଗଡ଼-ପାରଳାଖେମୁଣ୍ଡି ମୁଖ୍ୟରାସ୍ତା ଶୋଚନୀୟ

## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଅଞ୍ଚଳବାସୀ

ଗୁମ୍ମା, ୮ ।୪(ସମିସ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକର ନାମନଗଡ଼ଠାରୁ ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ମୁଖ୍ୟରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ଦୀର୍ଘ ବର୍ଷ ହେଲା ରାସ୍ତାର ଅବସ୍ଥା ବିପଦାପନ୍ନ ହୋଇଥିଲେ ହେଁ ବିଭାଗୀୟ ଅବହେଳା ଯୋଗୁଁ ଦୈନନ୍ଦିନ ଯାତାୟାତ କରୁଥିବା ଗୁମ୍ମା ବ୍ଲକର ନାମନଗଡ଼, କୁଜାସିଂ, ଭୁବନି, ସେରଙ୍ଗ ଓ ଅଜୟଗଡ଼ ଆଦି ପାଞ୍ଚ ପଞ୍ଚାୟତବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏଥିନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଜୀବନ ଜୀବିକା ଠାରୁ ଆରମ୍ଭ କରି ଗର୍ଭବତୀ ମହିଳା, ଛାତଛାତ୍ରୀଙ୍କ ପାଠପଢ଼ା, ବ୍ୟବସାୟୀଙ୍କ ଯାତାୟାତ ପାଇଁ ଏହି ରାସ୍ତା ଉପରେ ନିର୍ଭରଶୀଳ । ଦୀର୍ଘ ବର୍ଷ ହେଲା ନାମନଗଡ଼ଠାରୁ ପାରଳାଖେମୁଣ୍ଡି ରାସ୍ତାରେ ଖାଲଖମା ହେବା ସହ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଶୋଚନୀୟ ହୋଇପଡ଼ିଛି । ଦୈନନ୍ଦିନ ଯାତାୟାତ କରୁଥିବା ପଥଚାରୀ, ସରକାରୀ କର୍ମଚାରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପୂର୍ବ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ରାସ୍ତାର ମରାମତି କିମ୍ବା ରକ୍ଷଣାବେକ୍ଷଣ ହୋଇପାରୁ ନ ଥିବା ଅଭିଯୋଗ ହେଉଛି । ତୁରନ୍ତ ସମସ୍ୟାର ସମାଧାନ ନ କରାଗଲେ ଆସନ୍ତା ମାସରେ ହେବାକୁ ଥିବା ସାଧାରଣ ନିର୍ବାଚନକୁ ବର୍ଜନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ସେହିପରି ବିଭିନ୍ନସ୍ତରରେ ଅଭିଯୋଗ କରି ସମସ୍ୟାର ସମାଧାନ ଲାଗି ଗୁହାରି କଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନ ଥିବା ପ୍ରକାଶ କରିଛନ୍ତି ଅଞ୍ଚଳବାସୀ । ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଡେପୁଟି କଲେକ୍ଟର ପ୍ରାଣକୃଷ୍ଣ ପାଣିଗ୍ରାହୀଙ୍କୁ ସମସ୍ୟା ସମ୍ପର୍କିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି ।



### ବାରହା ଶିକାର ପାଇଁ ବିଛା ଯାଇଥିଲା

## ବିଦ୍ୟୁତ୍ ତାରରେ ଲାଗି ଜଣେ ମୃତ

**ଖଲ୍ଲିକୋଟ,୮ ।୪(ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ପଥୁରିନାଳ ନିକଟସ୍ଥ ବିଲରେ ବାରହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାରରେ ଲାଗି ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ କୈରାଶି ଗ୍ରାମର ସିମାଞ୍ଚଳ ସ୍ୱାଇଁ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନା କେସନଂ(୨୯୫/୨୦୨୪)ରେ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରିବା ସହ ତ୍ରିନାଥ ସାହୁଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

ସୂଚନାନୁସାରେ ସିମାଞ୍ଚଳ ରବିବାର ରାତିରେ ତାଙ୍କ ବିଲକୁ ଯାଇଥିଲେ। ଏତିକିବେଳେ ତାଙ୍କ ପାଖ ବିଲରେ ପୂର୍ବରୁ ବାରହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାରରେ ଲାଗି ଯାଇଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ସୋମବାର ଭୋରରୁ ପୁଲିସ ଶବ ଜବତ କରିଥିଲା। ତେବେ ଏଭଳି ବିଦ୍ୟୁତ୍ ତାର ଲାଗି ଅନେକ ଜୀବନ ଯାଉଥିବାରୁ ବନ ବିଭାଗ ଏବଂ ବିଦ୍ୟୁତ୍ ବିଭାଗ ଦୃଷ୍ଟି ଦେଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୈରାଶି ସରପଞ୍ଚ ପ୍ରତିନିଧି ସନ୍ତୋଷ ରାଉତ ଦାବି କରିଛନ୍ତି।

### ୬୦ ଛାତ୍ରଛାତ୍ରୀଙ୍କୁ ୨ ଅଧ୍ୟାପକ

## ଆଦର୍ଶ ବିଦ୍ୟାଳୟ ଘେରାଉ କଲେ ଅଭିଭାବକ

**ହୁମ୍ମା,୮ ।୪(ସମିସ)**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ଶତ୍ରୁଶୋଲ ଗ୍ରାମ ନିକଟରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଅଭିଭାବକ, ସ୍ଥାନୀୟ ବାସିନ୍ଦା ଓ ପରିଚାଳନା କମିଟି ଘେରାଉ କରିଛନ୍ତି। ଏହି ଆଦର୍ଶ ବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି ଛାତ୍ରଛାତ୍ରୀ ମାନଙ୍କ ସହ ପ୍ରଶାସନ ଖେଳ ଖେଳୁଥିବା ଅଭିଯୋଗ ହୋଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଚଳିତ ବର୍ଷ ଏକାଦଶ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀ ପାସଆଉଟ ହେବା ପରେ ଦ୍ୱିତୀୟ ବର୍ଷ ବୋର୍ଡ ପରୀକ୍ଷା ନିମନ୍ତେ କୌଣସି ବ୍ୟବସ୍ଥା କରାଯାଇ ନଥିବା ଓ ଯୁକ୍ତ ଦୁଇର ପ୍ରଥମ ବର୍ଷ ୬୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ବିଦ୍ୟାଳୟରେ ଶିକ୍ଷା ଅଧ୍ୟୟନ କରୁଥିବା ବେଳେ ସେମାନଙ୍କ ପାଇଁ ମାତ୍ର ଦୁଇ ଶିକ୍ଷକ




ନିଯୁକ୍ତି ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖା ଦେଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଓ ଗଞ୍ଜାମ ଜିଲ୍ଲାପାଳଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ସେଥିପାଇଁ ଶତାଧିକ ଅଭିଭାବକ, ସ୍ଥାନୀୟ ବାସିନ୍ଦା ଓ ପରିଚାଳନା କମିଟି ଏହି ବିଦ୍ୟାଳୟକୁ ଘେରାଉ କରି ପ୍ରଶାସନକୁ ଜବାବ ମାଗିଥିଲେ। ଫଳରେ ଆଦର୍ଶ ବିଦ୍ୟାଳୟର ଚତୁଃପାର୍ଶ୍ୱରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ବିଭାଗୀୟ ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଜଣାଇ ତୁରନ୍ତ ଏଠାରେ ଶିକ୍ଷକ ନିଯୁକ୍ତି ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଦ୍ୟାଳୟ ଅଧ୍ୟକ୍ଷା ମାଧୁରୀ ମହାରଣା ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା କମିଥିଲା।

## ଆଧ୍ୟାତ୍ମିକ ସ୍ନେହ ମିଳନ କାର୍ଯ୍ୟକ୍ରମ

**କବିସୂର୍ଯ୍ୟନଗର,୮ ।୪(ସମିସ):** ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ, ଆଇବି ଛକ, ପ୍ରଭୁ ପ୍ରୀତ୍ ଭବନ ଠାରେ ଆଧ୍ୟାତ୍ମିକ ସ୍ନେହ ମିଳନର ଆୟୋଜନ କରାଯାଇଥିଲା। ଏହି ଅବସରରେ ସୁଦୂର ମାଉଣ୍ଟ ଆବୁ, ରାଜସ୍ଥାନ, ବ୍ରହ୍ମା କୁମାରୀସ୍ ମୁଖ୍ୟାଳୟରୁ ଆସିଥିଲେ ରାଜଯୋଗୀ ବ୍ରହ୍ମା କୁମାର ନିରଞ୍ଜନ ଭାଇ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଆଧ୍ୟାତ୍ମିକ ଜ୍ଞାନ ଦ୍ୱାରା ମନୁଷ୍ୟ ସତ୍ ମାର୍ଗରେ ଯାତ୍ରା କରିଥାଏ ଓ ଜୀବନରେ ଉନ୍ନତିର ଶୀର୍ଷରେ ପହଞ୍ଚି ଥାଏ। ପରମାତ୍ମାଙ୍କ ପାଇଁ ଶତ୍ୟ ପ୍ରେମ ରଖି ସତ୍ୟ ପିତାଙ୍କ ନିକଟକୁ ପହଞ୍ଚି ପାରିବା। ଆସିକା ଶାନ୍ତି ଶକ୍ତି ଭବନର ମୁଖ୍ୟ ସଞ୍ଚାଳିକା ରାଜଯୋଗୀନି ବ୍ରହ୍ମା କୁମାରୀ ପ୍ରଭାତୀ ଦିଦି ପରମାତ୍ମାଙ୍କ ପରିଚୟ ପ୍ରଦାନ କରିଥିଲେ। ବ୍ରହ୍ମା କୁମାର ସତ୍ୟପ୍ରିୟ ସଭା କାର୍ଯ୍ୟ ପରିଚାଳନା କରିଥିଲେ ଏବଂ ବ୍ରହ୍ମା କୁମାରୀ ସୁଜ୍ଞାନୀ ଭଉଣୀ ରାଜଯୋଗର ଅଭ୍ୟାସ କରାଇ ଥିଲେ। ଅତିଥି ମାନଙ୍କୁ ସ୍ୱାଗତ ସମ୍ଭାଷଣ କରି ଥିଲେ ବ୍ରହ୍ମା କୁମାରୀ ନିରୁପ୍ରଭା। ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଭରତୀୟ ସେନା ବାହିନୀର କ୍ୟାପ୍ଟେନ୍ ଟି ରାମେଶ୍ୱର ପାତ୍ର ଓ ଅନ୍ୟତମ ଅତିଥି ବରିଷ୍ଠ ସମାଜ ସେବୀ ଜି. ସମ୍ଭୁଲୀଙ୍ଗମ ଆଚାରୀ ଯୋଗ ଦେଇଥିଲେ। ବ୍ରହ୍ମା କୁମାରୀ ଧରଣୀ, ଲିଳାବତୀ, ଅନୁରାଧା, ସ୍ମୃତିରେଖା, ଜୋତି, ବ୍ରହ୍ମା କୁମାର ଚରଣ, ବିଶ୍ୱନାଥ, ବଳରାମ, ଅଭିମନ୍ୟୁ, କାଳୁ ପ୍ରମୁଖ ସହଯୋଗ କରିଥିଲେ।



## ମୋଷ୍ଟ ୱାଣ୍ଟେଡ୍ ସୁଦର୍ଶନ ଗିରଫ

**ରମ୍ଭା/ହୁମ୍ମା,୮ ।୪(ସମିସ):** ରମ୍ଭା ଥାନା ଅନ୍ତର୍ଗତ ବି.କାଇଞ୍ଚପୁର ଗ୍ରାମର ମୋଷ୍ଟ ୱାଣ୍ଟେଡ କ୍ରିମିନାଲ ସୁଦର୍ଶନ ବେହେରାଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ୨୫ ବର୍ଷ ପୂର୍ବରୁ ସେ ବିଭିନ୍ନ ସ୍ଥାନରେ ବୋମାମାଡ଼, ହତ୍ୟା ଉଦ୍ୟମ ଓ ବିଭିନ୍ନ ହିଂସାତ୍ମକ ଘଟଣା ଘଟାଇଥିବା ନେଇ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଥାନାରେ ମାମଲା ରୁଜୁ ହୋଇଥିଲା। ପୁଲିସ ଗିରଫ କରିବା ପୂର୍ବରୁ ସେ ଚକମା ଦେଇ ଫେରାର ହେଇ ଯାଉଥିଲା। ଚଳିତ ବର୍ଷ ଫେବୃଆରୀ ୨୨ ତାରିଖରେ ସୁଦର୍ଶନକୁ ଗିରଫ କରିବା ପାଇଁ କୋର୍ଟ ପକ୍ଷରୁ ରମ୍ଭା ଥାନାକୁ ୱାରେଣ୍ଟ ଆସିଥିଲା। ଫଳରେ ଗତ ଦୁଇ ମାସ ଧରି ଖୋଜି ବୁଲୁଥିଲା ପୁଲିସ। ବହୁତ ଖୋଜାଖୋଜି କରିବା ପରେ ସୁଦର୍ଶନ ଖଣ୍ଡିଦେଉଳିରେ ଥିବା ଖବର ପାଇଥିଲେ। ରମ୍ଭା ଥାନା ଆଇଆଇସି ସତ୍ୟବ୍ରତ ଭୁତିଆଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ଅମରକାନ୍ତ ଷଡ଼ଙ୍ଗୀଙ୍କ ସମେତ ହାବିଲଦାର ରାମଚନ୍ଦ୍ର ମୁଦୁଲି, ଥାନା ପୁଲିସ କର୍ମଚାରୀ ପ୍ରଭାତ ନାହାକ ଓ ଅନ୍ୟାନ୍ୟ କର୍ମଚାରୀମାନେ ପହଞ୍ଚି ଖଣ୍ଡଦେଉଳିରୁ ସୁଦର୍ଶନକୁ ଗିରଫ କରି କୋର୍ଟଚାଲାଣ କରଥିଲେ।



## ମାରପିଟ୍ ଘଟଣାରେ ୫ ଗିରଫ

**ଖଲ୍ଲିକୋଟ,୮ ।୪(ସମିସ):** ଖଲ୍ଲିକୋଟ ରେଳ ଷ୍ଟେସନ ବାଇକ୍ ଷ୍ଟାଣ୍ଡରେ ରବିବାର ରାତିରେ ହୋଇଥିବା ମାରପିଟ୍ ଘଟଣାରେ ପୁଲିସ ଆଜି ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ, ରବିବାର ରାତି ୮ଟା ବେଳେ ଖଲ୍ଲିକୋଟ ଷ୍ଟେସନ ବାଇକ୍ ଷ୍ଟାଣ୍ଡରେ କୌଣସି କାରଣକୁ ନେଇ ଷ୍ଟାଣ୍ଡ ମାଲିକ ଓ ସ୍ଥାନୀୟ କିଛି ଯୁବକଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ଖଲ୍ଲିକୋଟ ଥାନା ଅଧିକାରୀ ନରେଶ କୁମାର ସାହୁଙ୍କ ନେତୃତ୍ୱରେ ଥାନା ଏସ୍ଆଇ ପିଙ୍କିନି ପଟ୍ଟନାୟକ, ଏଏସଆଇ ପ୍ରଭାକର ଗନ୍ତା, ହୃଷୀକେଶ ସାମଲ, ଅସିତ କୁମାର ପ୍ରଧାନ ଓ ଅନ୍ୟ ପୁଲିସ କର୍ମଚାରୀମାନେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣକୁ ଆଣିଥିଲେ। ଏ ସମ୍ପର୍କରେ ଥାନା କେସ ନମ୍ବର ୨୯୩/୨୦୨୪ ଅନୁଯାୟୀ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ପୁଲିସ ଏହି ମାମଲାରେ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ୫ ଜଣ ହେଲେ ତେନ୍ତୁଳିଆପଡ଼ା ଗ୍ରାମର ମୁନା ଜାଲି, ବୃନ୍ଦାବନ ଜାଲି, ଶଙ୍କର ବେହେରା, ସୁମନ୍ତ ବେହେରା ଓ ବିକାଶ ଜାଲି ବୋଲି ଥାନା ଅଧିକାରୀ ନରେଶ କୁମାର ସାହୁ କହିଛନ୍ତି।



## ଆମ ବସ୍ଷ୍ଟାଣ୍ଡ ନିର୍ମାଣ ପାଇଁ ସର୍ଭେ



**ଧରାକୋଟ,୮ ।୪(ସମିସ)**

ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗର ତରଫରୁ ଆମ ବସ୍ ଷ୍ଟାଣ୍ଡ ଯୋଜନାରେ ଧରାକୋଟ ରାଜସ୍ୱ ସର୍କଲ ଅଧୀନସ୍ଥ କପିଳାସ ମୌଜାର ଖାତା ନମ୍ବର ୨୦୪ ପ୍ଲଟ ନମ୍ବର ୧୭୮୨, ୧୭୮୩ ,୧୭୮୪, ୧୫୧୫/୧୭୮୫ରେ ତିଆରି ହେବ ନୂତନ ବସ୍ଷ୍ଟାଣ୍ଡ । ଏଥି ପାଇଁ ରାଜସ୍ୱ ବିଭାଗ ତରଫରୁ ବାଣିଜ୍ୟ ଓ ପରିବହନ ବିଭାଗକୁ ଏକ ଏକର ଜମି ହସ୍ତାନ୍ତର କରାଯାଇ ବିଭାଗ ନାମରେ ସେଟେଲ କରାଯାଇଛି। ୫ କୋଟି ଟଙ୍କା ବ୍ୟୟରେ ପୁଲିସ ହାଉସିଂ ବିଭାଗ ତରଫରୁ ଏହାର ନିର୍ମାଣ କରାଯିବ। ଏଥିପାଇଁ ଜମି ଚିହ୍ନଟ କରାଯାଇ ନିର୍ମାଣକାରୀ ସଂସ୍ଥାକୁ ହସ୍ତାନ୍ତର କରାଯିବା ପରେ କାମ ଆରମ୍ଭ ହୋଇଛି। ସୋମବାର ପୁଲିସ ହାଉସିଂ ବିଭାଗର ନିର୍ବାହୀ ଅଧିକାରୀ ସୁବାସ ପଣ୍ଡା, କନିଷ୍ଠ ଯନ୍ତ୍ରୀ ତନୟ ପ୍ରଧାନ ପ୍ରମୁଖ ନିର୍ମାଣ ହେବାକୁ ଥିବା ବସ୍ଷ୍ଟାଣ୍ଡ ସ୍ଥାନ ପରିଦର୍ଶନ କରିଥିଲେ। ଏହି ଅବସରରେ ଜଙ୍ଗଲ ଓ ରାଜସ୍ୱ ବିଭାଗ ତରଫରୁ ବନପାଳ ଅକ୍ଷୟ କୁମାର ତ୍ରିପାଠୀ, ରାଜସ୍ୱ ନିରୀକ୍ଷକ ଯଜ୍ଞ ନାରାୟଣ ନାୟକ, ବିଭାଗୀୟ କର୍ମଚାରୀ ପ୍ରଦୀପ ସାହୁ, ଦେବୀ ପ୍ରସାଦ ନାହାକ ପ୍ରମୁଖ ସଂପୃକ୍ତ ସ୍ଥାନ ପରିଦର୍ଶନ କରି ଏକ ମିଳିତ ସର୍ଭେ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଛନ୍ତି। ପ୍ରକାଶ ଯୋଗ୍ୟ କପିଳାସ ମୌଜାର ଏହି ସ୍ଥାନ ସମ୍ପୂର୍ଣ୍ଣ ରାଜସ୍ୱ ବିଭାଗର ହୋଇଥିବା ବେଳେ ଏଥିରେ ଜଙ୍ଗଲ ବିଭାଗର କୌଣସି ସଂପୃକ୍ତି ନଥିବା ବେଳେ ବସ୍ଷ୍ଟାଣ୍ଡ ନିର୍ମାଣାଧୀନ ଅଞ୍ଚଳରେ ଜଙ୍ଗଲ ବିଭାଗର କୌଣସି ଗଛ ନଥିବା ସର୍ଭେ ବେଳେ ଜଣାଯାଇଛି। ଏଣୁ ତୁରନ୍ତ ବସ୍ଷ୍ଟାଣ୍ଡ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ରଙ୍ଗୋଲି ମାଧ୍ୟମରେ ଭୋଟ ସଚେତନତା କାର୍ଯ୍ୟକ୍ରମ

**ବାଲିଗୁଡ଼ା,୮।୪(ସମିସ)**



କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ନେଇ ରଙ୍ଗୋଲି ମାଧ୍ୟମରେ ଭୋଟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପଜଲ୍ଲାପାଳ ଡ.ରୀନା ପ୍ରଧାନଙ୍କ ନିର୍ଦ୍ଦେଶ ପ୍ରକାରେ ରବିବାର ବାଲିଗୁଡ଼ା ସହରାଞ୍ଚଳରେ ଥିବା ବିଭିନ୍ନ ଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀ ରଙ୍ଗୋଲି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ସମେତ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଚ୍ୟୁତାନନ୍ଦ ଜାନି, ବାଲିଗୁଡ଼ା ତହସିଲଦାର ବିଜୟ କୁମାର ସେଠୀ, ଆଦିବାସୀ ମହାବିଦ୍ୟାଳୟ ଅଧ୍ୟକ୍ଷ କାର୍ତ୍ତିକେଶ୍ୱର ସି, ବାଲିଗୁଡ଼ା ବିଭିନ୍ନ ବିଭାଗୀୟ ପଦାଧିକାରୀ ଓ ବିଭିନ୍ନ ସ୍କୁଲର ଶିକ୍ଷକ,ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଉପଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ହୋଇଥିବା ରଙ୍ଗୋଲି ପ୍ରତିଯୋଗିତାରେ ୩୦ଟି ଗ୍ରୁପ ଅଂଶ ଗ୍ରହଣ କରିଥିଲେ। ତାପରେ ବିଭିନ୍ନ ବିଭାଗ ପକ୍ଷରୁ ପ୍ରତିଯୋଗିତାରେ ଅଂଶ ନେଇଥିବା ଛାତ୍ରଛାତ୍ରୀ ମଧ୍ୟରୁ ଭଲ ପ୍ରଦର୍ଶନ କରିଥିବା ପାଞ୍ଚ ଜଣଙ୍କୁ ବିଚାରକ ମଣ୍ଡଳ ଦ୍ୱାରା ଶ୍ରେଷ୍ଠ ଚୟନ କରାଯାଇଥିଲା। ସେମାନଙ୍କୁ ଉପସ୍ଥିତ ଅତିଥି ଅର୍ଥ ରାଶି ଦେଇ ପୁରସ୍କୃତ କରିଥିଲେ । ଅତିଥି ମାନେ ଉପସ୍ଥିତ ନୂତନ ଭୋଟର ଓ ଛାତ୍ରଛାତ୍ରୀଙ୍କୁ ଗଣତନ୍ତ୍ର ଆମ ଭୋଟ ଆମ ଅଧିକାର ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ସେହିପରି ନୂତନ ଭୋଟର ମଧ୍ୟ ନିଜର ନୂତନ ଭୋଟ ଦେବାର ଅନୁଭୂତି ପ୍ରକାଶ କରିଥିଲେ । ଏହା ପରେ ବାଲିଗୁଡ଼ା ବସ ଷ୍ଟାଣ୍ଡ ନିକଟରେ ଏକ ସେଲ୍ଫି ପଏଣ୍ଟର ଶୁଭାରମ୍ଭ କରିଥିଲେ ଉପଜିଲ୍ଲାପାଳ ।

## ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ବୈଠକ

**ଭଞ୍ଜନଗର,୮ ।୪(ସମିସ):** ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ବୈଠକ ସ୍ଥାନୀୟ ଭବନଠାରେ ସଭାପତି ସୋମନାଥ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ବିପ୍ରଚରଣ ସାହୁଙ୍କ ମନ୍ତ୍ର ପାଠ ପରେ ବିଧିବଦ୍ଧ ଭାବେ ବୈଠକ ଆରମ୍ଭ ହୋଇଥିଲା। ସମ୍ପାଦକ ରବିନାରାୟଣ ସାମନ୍ତଙ୍କୁ ତାଙ୍କର କାର୍ଯ୍ୟଦକ୍ଷତା ଓ ମଞ୍ଚ ପ୍ରତି ନିଷ୍ଠା ଯୋଗୁଁ ଆଚାର୍ଯ୍ୟ ହରିହର ସମ୍ମାନରେ ସମ୍ମାନିତ କରାଯାଇଛି। ସଭାପତି ମଞ୍ଚର ସ୍ଥାୟୀ କାର୍ଯ୍ୟାଳୟ ପାଇଁ ୨୦୧୯ ଠାରୁ ତହସିଲଦାରଙ୍କୁ ଦରଖାସ୍ତ ଦିଆଯାଇଥିଲେ ମଧ୍ୟ ଏହି କାର୍ଯ୍ୟରେ ବିଳମ୍ବ ଘଟିଥିବା ପ୍ରକାଶ କରିଥିଲେ। ସେହିପରି ଦୁଇ ବର୍ଷ ହେଲା ଥାନାରେ ପ୍ରାୟ ୩ଶହ ପରିଚୟ ପତ୍ର ଆବେଦନ ପାଇଁ ଦରଖାସ୍ତ ପଡିରହିଛି। ଏ ବିଷୟ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀଙ୍କୁ ଅବଗତ କରାଇବା ପରେ ସେ ଗଞ୍ଜାମ ଏସପିଙ୍କୁ ଯେଉଁ ଚିଠି ଲେଖିଛନ୍ତି ସେହି ଆଧାରରେ ଏସପିଙ୍କୁ ନିର୍ବାଚନ ପରେ ସାକ୍ଷାତ କରିବାକୁ ବୈଠକରେ ସ୍ଥିର କରାଗଲା। ଆସନ୍ତା ଏପ୍ରିଲ ୧୪ତାରିଖ ପଣାସଂକ୍ରାନ୍ତି ଅବସରରେ ଡକ୍ଟର ଆମ୍ବେଦକର ଜୟନ୍ତୀ ନାୟକ ଭବନଠାରେ ପାଳନ କରାଯିବ। ସଭ୍ୟ ଲଡୁକିଶୋର ପ୍ରଧାନଙ୍କ ପ୍ରସ୍ତାବ କ୍ରମେ ଆସନ୍ତା କାର୍ତ୍ତିକ ମାସରେ ମଞ୍ଚର ସଭ୍ୟ ମାନଙ୍କୁ ନେଇ ଓଡ଼ିଶାର ଦର୍ଶନୀୟ ସ୍ଥାନ ପରିଭ୍ରମଣ କରିବା ପାଇଁ ସମ୍ମତି ପ୍ରକାଶ ପାଇଛି। ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ମଞ୍ଚର ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।



## କର୍ମୀଙ୍କ ଗହଣରେ ଜନ୍ମଦିନ ପାଳିଲେ ବିଧାୟିକା



**ବେଗୁନିଆପଡ଼ା,୮ ।୪(ସମିସ):** କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନଙ୍କ ଏପ୍ରିଲ ୭ ତାରିଖରେ ଜନ୍ମଦିନ ଥିଲା। ଏହି ଅବସରରେ ବେଗୁନିଆପଡ଼ା ବ୍ଲକ ଚନ୍ଦନପୁର ପଞ୍ଚାୟତ ମୁଣ୍ଡୁଳାସ୍ଥିତ ସକଳେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ଶୁଭେଚ୍ଛୁମାନଙ୍କ ଦ୍ୱାରା ଆୟୋଜିତ ହୋଇଥିଲା କାର୍ଯ୍ୟକ୍ରମ। ଏଥିରେ ବିଧାୟିକା ଯୋଗଦେବା ପରେ ଶୁଭେଚ୍ଛୁମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ସମସ୍ତ ଜନପ୍ରତିନିଧି ଓ କର୍ମୀମାନଙ୍କ ଗହଣରେ କେକ କାଟି ପରସ୍ପର ମଧ୍ୟରେ ଖୁସି ମନାଇ ଥିଲେ। ଏହି ଅବସରରେ ବ୍ଲକ ଅଧ୍ୟକ୍ଷା ରେଣୁ ଗୌଡ଼, ଉପାଧ୍ୟକ୍ଷ ସୁଧାକର ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ମଧୁମିତା ସାହୁ, କଲ୍ୟାଣୀ ପାତ୍ର, ବିଜେଡି ବ୍ଲକ ସଭାପତି ସିମାଞ୍ଚଳ ସାମଲ, ଛାତ୍ର ସଭାପତି କାହ୍ନୁଚରଣ ପଣ୍ଡାଙ୍କ ସମସ୍ତ ଜନପ୍ରତିନିଧି ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ତାତିରେ ବଢୁଛି ମାଟିପାତ୍ରର ଚାହିଦା

**ଶେରଗଡ଼, ୮ ।୪(ସମିସ)**

ଆଧୁନିକ ଯୁଗରେ ଲୋକଙ୍କ ରୁଚି ବଦଳୁଛି। ସାମାଜିକ ଜୀବନ ସହ ସଂପୃକ୍ତ ରହିଥିବା ମାଟି ହାଣ୍ଡିର ଚାହିଦା ମଧ୍ୟ ଧୀରେ ଧୀରେ କମିବାରେ ଲାଗିଛି। ଏଥିସହ କୁମ୍ଭକାରଙ୍କ ଜୀବନ ଜୀବିକା ମଧ୍ୟ ସଙ୍କଟ ଭିତରକୁ ଚାଲି ଯାଇଛି। ଦିନ ଥିଲା ଲୋକମାନେ ଅଧିକ ତାପମାତ୍ରାରେ ମାଟି ସାମଗ୍ରୀ ଉପରେ ନିର୍ଭର କରୁଥିଲେ। ପୂଜା ପାର୍ବଣ ସମେତ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ମାଟିପାତ୍ର ବ୍ୟବହାର କରାଯାଉଥିଲା। ବିଶେଷ କରି ଗ୍ରୀଷ୍ମ ଋତୁରେ ମାଟି ପାତ୍ରର ଚାହିଦା ବଢୁଥିଲା। କିନ୍ତୁ ବର୍ତ୍ତମାନ ଥଣ୍ଡା ପାଣି ପିଇବା ଲାଗି ଅତ୍ୟାଧୁନିକ ଯନ୍ତ୍ରପାତି ବାହାରିବା ଫଳରେ ଲୋକମାନେ ମାଟି ପାତ୍ରରୁ ମୁହଁ ମୋଡୁଥିଲେ। ହେଲେ ଅତ୍ୟଧିକ ଖରା ସାଙ୍ଗକୁ ଥଣ୍ଡାର ସାମଗ୍ରୀ ମାଟି ପାତ୍ର ଉପରେ ଲୋକଙ୍କ ନଜର ପୁଣି ଥରେ ପଡ଼ିଛି। ମାଟି ହାଣ୍ଡି, ମାଠିଆ, ସୁରେଇ ଆଦି ପାତ୍ରର ପସରା ବର୍ତ୍ତମାନ ବଜାରରେ ଦେଖିବାକୁ ମିଳୁଛି। ଖରାଦିନେ ଅସହ୍ୟ ଗରମକୁ ଲକ୍ଷ୍ୟ କରି ବହୁ ଲୋକ ମାଟି ପାତ୍ର କିଣୁଛନ୍ତି। ପାଣିକୁ ଥଣ୍ଡା ରଖିବାକୁ ମାଟିହାଣ୍ଡି, ସୁରେଇ ଓ ମାଠିଆର ବିକଳ୍ପ ନାହିଁ। ପରିବେଶ ଅନୁକୂଳ ମାଟି ପାତ୍ର ଶରୀର ପାଇଁ ମଧ୍ୟ ଉପକାରୀ। କୌଣସି ରାସାୟନିକ ଦ୍ରବ୍ୟ ବିନା ପ୍ରାକୃତିକ ଉପାୟରେ ଏହା ତିଆରି ହୋଇଥିବାରୁ ସ୍ୱାସ୍ଥ୍ୟ ପକ୍ଷେ ହିତକର ହୋଇଥାଏ। ତେବେ ସମୟ ବଦଳିବା ସହ ଧାରା ମଧ୍ୟ ବଦଳିଲା। ଏହି ମାଟିପାତ୍ରର ଚାହିଦାକୁ ଆଲୁମିନିୟମ, ଷ୍ଟିଲ ଆଦି ଏହାର ସ୍ଥାନ ନେଲାଣି। ମାଟିପାତ୍ର ଓ ଅନ୍ୟ ପାତ୍ରର ସ୍ୱଳ୍ପ ଆୟୁ ଦୃଷ୍ଟିରୁ ଲୋକ ଏହି ମାଟି ପାତ୍ର ସାମଗ୍ରୀକୁ ଛାଡ଼ିଲେ ଓ ପରିବର୍ତ୍ତନ ସମୟରେ ଆଲୁମିନିୟମ ଓ ଷ୍ଟିଲ ସୁଅରେ ନିଜର ଘରୋଇ ସାମଗ୍ରୀ ରୂପେ ବ୍ୟବହାର କଲେ। ଫଳରେ କୌଳିକ ବୃତ୍ତି ସଙ୍କଟର ସମ୍ମୁଖୀନ ହେଲା। କେବଳ ମାଟି ଦୀପ, କଳସ, ସରା ଏବଂ କେତେକ ରୀତିନୀତି ଲାଗି ଆବଶ୍ୟକ ହୋଇଥାଏ ମାଟି ତିଆରି ସାମଗ୍ରୀ।



ଶେରଗଡ଼ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ କୁମ୍ଭକାରମାନେ ବିଭିନ୍ନ ପ୍ରକାର ମାଟି ପାତ୍ରର ପସରା ବିକ୍ରୀ କରୁଥିବା ବେଳେ ଅନ୍ୟ ଦିନ ମାନଙ୍କରେ ମୁଣ୍ଡରେ ବୋଝେଇ କରି ଗାଁ ଗାଁ ବୁଲି ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ପୂର୍ବ ପରି ଏହି ଆଦର ଲୋକଙ୍କ ମଧ୍ୟରେ ନାହିଁ। କେବଳ ଗ୍ରୀଷ୍ମ ଋତୁରେ ଅତ୍ୟଧିକ ଖରା ହେଲେ ଏହାର ଚାହିଦା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ମାଟି ହାଣ୍ଡି ଗଢ଼ିବା ଲାଗି ଯେତିକି ପରିଶ୍ରମ ଆବଶ୍ୟକ ପଡ଼େ, ତାହା ତୁଳନାରେ ପାରିଶ୍ରମିକ ମିଳେ ନାହିଁ କି ସରକାରଙ୍କ ପକ୍ଷରୁ କୌଣସି ସହାୟତା ମିଳୁନାହିଁ ବୋଲି କୁମ୍ଭକାରମାନେ ପ୍ରକାଶ କରିଛନ୍ତି। ଯଦି ସରକାର ପ୍ରୋତ୍ସାହନ ଯୋଗାଇ ଦିଅନ୍ତେ, କୌଳିକ ବୃତ୍ତି କୁମ୍ଭକାରମାନେ ଆପଣେଇବା ସହ ସୁନ୍ଦର କଳାକୁଟୀର ଶିଳ୍ପର ଅସ୍ତିତ୍ୱ ବଜାୟ ରଖିବାରେ ସମର୍ଥ ହୁଅନ୍ତେ।

# ଭଞ୍ଜନଗର ମେଡିକାଲରେ ମିଳୁନି ଯକ୍ଷ୍ମା ଔଷଧ

**ରୋଗୀ ହନ୍ତସନ୍ତ**

**ଭଞ୍ଜନଗର,୮ ।୪(ସମିସ):** ଭଞ୍ଜନଗର ଉପଖଣ୍ଡ ସମେତ ସମଗ୍ର ଗଞ୍ଜାମ ଜିଲ୍ଲାରେ ଯକ୍ଷ୍ମା ନିୟନ୍ତ୍ରଣକୁ ଆସୁଥିବା ବେଳେ ଏହି ଅଭିଯାନରେ ବାଧା ଉପୁଜିଛି। ସରକାରଙ୍କ ପକ୍ଷରୁ ଯକ୍ଷ୍ମା ରୋଗୀଙ୍କ ଲାଗି ଦିଆଯାଉଥିବା ଏଫ୍‌ଡିସି ( କମ୍ବୋ ପେକ) ଔଷଧ ଏକ ମାସ ହେବ ମିଳୁନି। ଏହି ଔଷଧ ନପାଇ ରୋଗୀ ହନ୍ତସନ୍ତ ହେଉଥିବା ବେଳେ ଜିଲ୍ଲା ସାସ୍ଥ୍ୟ ବିଭାଗ ପକ୍ଷରୁ ଖୋଲା ଔଷଧ ଦିଆଯାଉଛି। ଯାହାକୁ ନେଇ ଯକ୍ଷ୍ମା ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ନିୟମିତ ଔଷଧ ନ ଖାଇବା ଦ୍ୱାରା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବା ଆଶଙ୍କା ରହିଛି। ଯାହା ଟିବି ମୁକ୍ତ ଭାରତ ଅଭିଯାନ ସଫଳତା ଉପରେ ପ୍ରଶ୍ନ ସୃଷ୍ଟି କରିଛି। ଯକ୍ଷ୍ମା ବା ଟିବି ନିୟନ୍ତ୍ରଣ ଲାଗି କେନ୍ଦ୍ର ସରକାର ବହୁ ପଦକ୍ଷେପ ନେଇଛନ୍ତି। ଏଥିରେ ସନ୍ଦିଗ୍ଧଙ୍କ କଫ ପରୀକ୍ଷା, ଚିକିତ୍ସା ଏବଂ ଔଷଧ ପ୍ରଦାନ ମାଗଣାରେ କରାଯାଉଥିଲା। ପରିତାପର ବିଷୟ ଗତ ଏକ ମାସ ହେଲା ରୋଗୀଙ୍କୁ ଏଫ୍‌ଡିସି (କମ୍ବୋ)ପ୍ୟାକ ଔଷଧ ଦିଆଯାଉନି। ଔଷଧ ଯୋଗାଣ ନଥିବାରୁ ସମସ୍ୟା ଉପୁଜିଛି। ଯାହାର ସିଧାସଳଖ ପ୍ରଭାବ ରୋଗୀଙ୍କ ଉପରେ ପଡୁଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଆବଶ୍ୟକ ଔଷଧ ଯୋଗାଣ ହେଉନାହିଁ। ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ଆଇସୋନାଇଜିଡ୍, ଇଥାମ୍ବୁଟୋଲ, ପ୍ୟାରାଜିନାମାଇଡ୍ ଟାବଲେଟ୍ ସମେତ ରିଫାମ୍ପିସିନ୍ ଭଳି ଏକାଧିକ ଲୁଜ୍ ଔଷଧ ରୋଗୀଙ୍କୁ ଦେଉଛନ୍ତି। ଯାହା ଫଳରେ ଅଧିକ ପରିମାଣର ଔଷଧ ଖାଇବା ରୋଗୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ହାତଗଣତି କେତୋଟି ଘରୋଇ କମ୍ପାନି ଯକ୍ଷ୍ମା ନିରାକରଣ ଔଷଧ ତିଆରି କରୁଥିବାବେଳେ କୌଣସି କାରଣରୁ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଯୋଗାଣ ନଥିବାରୁ ସାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲା ସ୍ତରରେ ଔଷଧ କିଣା ଯାଇ ପାରୁନାହିଁ। ଖୋଲା ବଜାରରେ ଆବଶ୍ୟକ ଔଷଧ ନଥିବାରୁ ଏପରି ସମସ୍ୟା ଦେଖାଦେଇଛି। ଏକ ମାସ ମଧ୍ୟରେ ଔଷଧ ଯୋଗାଣ ସ୍ୱାଭାବିକ ହୋଇଯିବ ବୋଲି ଯକ୍ଷ୍ମା ନୋଡାଲ ଅଧିକାରୀ ବିଦେଶୀ ଜେନା କହିଛନ୍ତି।

# ଘିମିରି ସଚେତନା ଓ ସ୍ୱାସ୍ଥ୍ୟସେବା ଶିବିର



**ବ୍ରହ୍ମପୁର,୮ ।୪(ସମିସ):** ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ପକ୍ଷରୁ ଘିମିରି ନିରାକରଣ ସଚେତନା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା.ନକୁଳ ସାହୁ ଯୋଗ ଦେଇ ସଚେତନତା କରିଥିଲେ। ଗ୍ରୀଷ୍ମ ଋତୁର ଉତ୍ତାପରୁ ସ୍ୱେଦ ଓ ମଇଳା ଚର୍ମରେ ଜମେବା ଫଳରେ ଘିମିରି ଜାତ ହୁଏ ବୋଲି କହିଥିଲେ। ଏହାର ନିରାକରଣ ନିମନ୍ତେ ତ୍ୱଚାକୁ ମୁଲତାନି ମାଟି ଲଗାଇ ସଫା କରିବା ନିମନ୍ତେ କହିଥିଲେ। ଏହା ସହ ସ୍ନାନ ପରେ ଚନ୍ଦନ କିମ୍ବା ବେଶାଚେର ଚିକ୍କଣ ଚୂର୍ଣ୍ଣ ଲଗାଇବାକୁ ପରାମର୍ଶ ଦେଇଥିଲେ। କୁଣ୍ଡାଇ ହେଉଥିବା ସ୍ଥାନରେ ଘୃତ କୁମାରୀ ରସ ଲଗାଇବା ସହ ସକାଳୁ ନିମ୍ବ ହଳଦୀ ବଟା ପାଞ୍ଚ ଗ୍ରାମ ଖାଇବାକୁ ପରାମର୍ଶ ଦେଇଥିଲେ। ଏଥିରୁ ରକ୍ଷା ନିମନ୍ତେ କାକୁଡି ଓ ତରଭୁଜ ଖାଇବା ସହ ସୂତାଲୁଗା ପରିଧାନ କରିବା ପାଇଁ ପରମର୍ଶ ଦେଇଥିଲେ। ଏ ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ ଅମ୍ଳପିତ୍ତ, ସ୍ତ୍ରୀରୋଗଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡି. ଶ୍ରୀନିବାସ ରାଓ ଶିବିରର ପରିଚାଳନାରେ ସହଯୋଗ କରିଥିଲେ।

## ବିଦ୍ୟୁତ ଆଘାତରେ ଶ୍ରମିକ ମୃତ

**ଗଞ୍ଜାମ,୮।୪ (ସମିସ):** ଗଞ୍ଜାମ ଥାନା ଅନ୍ତର୍ଗତ ପୁଇଁତୋଳା ଗ୍ରାମ ଡଗର ପଡିଆରେ ସବରେଜିଷ୍ଟ୍ରି କୋଠା ନିର୍ମାଣ କାର୍ଯ୍ୟ ଚାଲିଛି। ସେହି ନୂଆ କୋଠା ନିର୍ମାଣ କାର୍ଯ୍ୟ ପିଡବ୍ଲୁଡି ହାତକୁ ନେଇଛି। ସୋମବାର ଜଣେ ଶ୍ରମିକ ବିଦ୍ୟୁତ ଆଘାତରେ ପ୍ରାଣ ହରାଇଛନ୍ତି। ମୃତ ବ୍ୟକ୍ତି ଜଣଙ୍କ ଆସ୍କା ଅଞ୍ଚଳର ବୋଲି କୁହାଯାଉଛି। ତେବେ ତାଙ୍କର ପ୍ରକୃତ ପରିଚୟ ମିଳିପାରିନାହିଁ। ପିଡବ୍ଲୁର ଜଣେ କର୍ମଚାରୀ ଏହାକୁ ସ୍ୱୀକାର କରିଛନ୍ତି।

# ୬ ମାଓବାଦୀ ଗିରଫ; ବିପୁଳ ମାଓସାମଗ୍ରୀ ଜବତ



**ମାଲକାନଗିରି,୮।୪(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରୁ ୬ ମାଓବାଦୀଙ୍କୁ ଗିରଫ କରିବା ସହ ବିପୁଳ ମାଓସାମଗ୍ରୀ ଜବତ କରାଯାଇଛି। ସୂଚନା ଅନୁଯାୟୀ, ଛତିଶଗଡ଼ରେ ନିର୍ବାଚନକୁ ଦୃଷ୍ଟିରେ ରଖି ମାଓ ଗତିବିଧି ଉପରେ ରୋକ୍ ଲଗାଇବା ପାଇଁ ମାଓଦମନ ଅଭିଯାନକୁ ଜୋରଦାର କରାଯାଇଛି। ଏହି କ୍ରମରେ ଛତିଶଗଡ଼ର ସୁକୁମା ଜିଲ୍ଲାରେ ମାଓ ଉପଦ୍ରବ କେରଲାପାଲ ଅଞ୍ଚଳରେ ଜିଲ୍ଲା ପୁଲିସ ଓ ଡିଆରଜି ଯବାନମାନେ ମିଳିତ ରୂପେ ତଲାସୀ ଅଭିଯାନ ଆରମ୍ଭ କରିଥିଲେ। ଏହି ସମୟରେ ଯବାନମାନଙ୍କୁ ଦେଖି ଜଙ୍ଗଲ ମଧ୍ୟରେ କିଛି ବ୍ୟକ୍ତି ଲୁଚି ପଳାଇବାକୁ ଉଦ୍ୟମ କରିଥିଲେ। ଯବାନମାନେ ସେମାନଙ୍କ ଉପରେ ସନ୍ଦେହ କରି ସେମାନଙ୍କ ମଧ୍ୟରେ ୬ ଜଣଙ୍କୁ କାବୁ କରି ପଚରାଉଚରା ବେଳେ ସେମାନେ ସମସ୍ତେ ମାଓବାଦୀ ବୋଲି ଜଣାପଡ଼ିଥିଲା। ସେମାନଙ୍କ ନିକଟରୁ ଯବାନମାନେ ବିପୁଳ ପରିମାଣର ମାଓସାମଗ୍ରୀ, ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ କରିବା ସହ ସମସ୍ତ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

# ତ୍ରିଧାରା ସାହିତ୍ୟ ସଂସଦର ସାରସ୍ୱତ ସମାରୋହ

**ବ୍ରହ୍ମପୁର,୮ ।୪(ସମିସ):** ସ୍ଥାନୀୟ ଉତ୍କଳ ଆଶ୍ରମର ସଭାଗୃହରେରେ ତ୍ରିଧାରା ସାହିତ୍ୟ ସଂସଦ ଗଞ୍ଜାମ ପକ୍ଷରୁ ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଅଛି। ସଂସଦର ସମ୍ପାଦକ ଡ଼ ଲକ୍ଷ୍ମୀ ନାରାୟଣ ଦାସ ସ୍ୱାଗତ ଭାଷଣ ଓ ମଞ୍ଚ ପରିଚାଳନା କରିଥିଲେ। ପ୍ରଥମ ଅଧିବେଶନ ଆଲୋଚନା ଚକ୍ରରେ ଅତିଥି ଭାବେ ଡ. ସୁରେନ୍ଦ୍ର ନାଥ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ଅତିଥିଭାବେ ପ୍ରାକ୍ତନ ଅଧ୍ୟାପକ ଡ. ରମେଶ ଚନ୍ଦ୍ର ପ୍ରଧାନ ଯୋଗଦେଇ ଉଦଘାଟନ କରିଥିଲେ।



ଅନ୍ୟତମ ଅତିଥି ଭାବେ ବିଶିଷ୍ଟ ଗବେଷକ ବେଙ୍କଟ ବିହାରି ପ୍ରହରାଜ, ଆଲୋଚକ କୁରେଶୁ ମହାରଣା ଯୋଗ ଦେଇଥିଲେ। ସେହିପରି କବିତା ପାଠୋତ୍ସବରେ ଅତିଥି ଭାବେ ବିଘ୍ନେଶ୍ୱର ସାହୁ ଯୋଗ ଦେଇଥିବା ବେଳେ ସଂସଦର ସହ ସମ୍ପାଦିକା ଗାୟତ୍ରୀ ପାଣିଗ୍ରାହୀ ସଂଯୋଜନା କରିଥିଲେ। ଆସରରେ ବିଜୟ ଚନ୍ଦ୍ର ମିଶ୍ର, ବଂଶୀଧର ସେଠି ଗାୟତ୍ରୀ ରଥ, ଗଜାନନ ମିଶ୍ର, ବେଙ୍କଟ ବିହାରି ପ୍ରହରାଜ, ସୁବ୍ରତ କୁମାର ରଥ, ମନୋଜ ପାଢ଼ୀ, ମନୋଜ କୁମାର ପାଣିଗ୍ରାହୀ, ଲାଲାବାହାଦୁର ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ତ୍ରିପାଠୀ, ରାଜୀବ ଲୋଚନ ପାଣିଗ୍ରାହୀ, ରୂପାଲି ମିଶ୍ର, ଅନିତା ବେହେରା, ଏସ.ସୁପ୍ରିୟା ରେଡି ଶିବପ୍ରସାଦ ସାହୁ, ଡକ୍ଟର ଲକ୍ଷ୍ମୀ ନାରାୟଣ ଦାଶ କବିତା ପାଠନ କରିଥିଲେ। ସେହିପରି ଗାଳ୍ପିକା ପଦ୍ମାଳୟା ପାଢ଼ୀ ଓ ଗାୟତ୍ରୀ ପାଣିଗ୍ରାହୀ ଗଳ୍ପ ପଠନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଡକ୍ଟର ରମେଶ ଚନ୍ଦ୍ର ପ୍ରଧାନଙ୍କୁ ଅବସରକାଳିନ ସମ୍ବର୍ଦ୍ଧନା ଦିଆଯାଇଥିଲା। ବରିଷ୍ଠ ଗବେଷକ ଭେଙ୍କଟ ବିହାରୀ ପ୍ରହରାଜଙ୍କ ଦ୍ୱାରା ଏହି ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ବିଜୟ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଅଶୋକ କୁମାର ପଣ୍ଡା ଓ ଡ. ସଞ୍ଜୟ କୁମାର ପଣ୍ଡା ଉପସ୍ଥିତ ରହି ସହଯୋଗ କରିଥିଲେ।

# ଜୟପୁର ପୂଜ୍ୟପୂଜା ସଂସଦର ପ୍ରତିଷ୍ଠା ଦିବସ

**ଜୟପୁର,୮।୪(ସମିସ):**

କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ପୂଜ୍ୟପୂଜା ସଂସଦର ୨୬ତମ ବାର୍ଷିକ ଉତ୍ସବ ଜିଲ୍ଲା ଶିକ୍ଷା ପ୍ରତିଷ୍ଠାନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି କେଦାରନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ଭଞ୍ଜ ସାହିତ୍ୟ ବିଷୟ ମୁଖ୍ୟ ଆଲୋଚକ ଭାବେ ଦୂରଦର୍ଶନ ଓ ଆକାଶବାଣୀର ସେବାନିବୃତ୍ତ ଉପକେନ୍ଦ୍ର ନିର୍ଦ୍ଦେଶକ ଡ. ଶାନ୍ତନୁ କୁମାର ରଥ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ଭଞ୍ଜ ସାହିତ୍ୟ ରାଜ୍ୟରେ ଓଡ଼ିଆ ସାହିତ୍ୟକୁ ଧନ୍ୟ କରିପାରିଛି। ଗାଳ୍ପିକ ନାରାୟଣ ପଣ୍ଡା ମୁଖ୍ୟଅତିଥି ରୂପେ ଯୋଗଦେଇ ପୂଜ୍ୟପୂଜାର ବିକଳ୍ପ ନାହିଁ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ପ୍ରେମାନନ୍ଦ ଦାଶ ଯୋଗଦେଇ ଓଡ଼ିଆ ଭାଷାର ନିଖୁଣ ବ୍ୟବହାର ସମ୍ପର୍କରେ ମତ ରଖିଥିଲେ। ବାର୍ଷିକ କବିତା ପାଠଉତ୍ସବରେ ଶତାଧିକ କବି ଓ କବୟିତ୍ରୀ ଯୋଗଦେଇ ନିଜ କବିତା ପାଠ କରିଥିଲେ। କବିତାଗୁଡ଼ିକ ସଂଯୋଜନା କରିଥିଲେ କବୟିତ୍ରୀ ମମତା ମହାପାତ୍ର ଓ ସୌମ୍ୟା ଶାଶ୍ୱତୀ ମହାନ୍ତି। ଦ୍ୱିତୀୟ



ଅଧିବେଶନରେ ଉଦୟ ଶଙ୍କର ଜାନିଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବର ଦ୍ୱିତୀୟାର୍ଦ୍ଧ ଶିକ୍ଷାବିତ୍ ମୁଖ୍ୟଅତିଥି ଭାବେ ନଳିନୀ ରଞ୍ଜନ ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ଭାସ୍କର ସାମନ୍ତରାୟ ଉପସ୍ଥିତ ଥିଲେ। ଏହି ଅବସରରେ 'ସାହିତ୍ୟ ଟୁଙ୍ଗିର' ବାର୍ଷିକ ସଂସ୍କରଣ 'ଆମଲେଖା 'ଉନ୍ମୋଚିତ ହୋଇଥିଲା। ବିଶିଷ୍ଟ ଲୋକ ସଂସ୍କୃତି ଗବେଷକ ସୁବାସ ଚନ୍ଦ୍ର ମିଶ୍ର, ସମାଜସେବୀ ପ୍ରକାଶ ଚନ୍ଦ୍ର ମିଶ୍ର, ଚିତ୍ରଶିଳ୍ପୀ ସୁଧାକର ଜେନାଙ୍କୁ 'ଗୌରବ ଶ୍ରୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆଦର୍ଶ ଶିକ୍ଷକ ରୂପେ ଉପର କୋଲାବ ଯୋଜନା ଉଚ୍ଚବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଦିବାକର ପଟ୍ଟନାୟକ, ରାଧାମୋହନ ପଣ୍ଡା ଓ ଜଗଦୀଶ ପ୍ରସାଦ ସ୍ୱାଇଁଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ସଂସଦର ସହସମ୍ପାଦକ ମୃତ୍ୟୁଞ୍ଜୟ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । ସମ୍ପାଦକ ବୈରାଗ ଚରଣ ସାହୁ ଓ ଉପସଭାପତି ତପନ କିରଣ ତ୍ରିପାଠୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ଜିଲ୍ଲା କଂଗ୍ରେସର ପ୍ରସ୍ତୁତି ବୈଠକ

**ବ୍ରହ୍ମପୁର,୮ ।୪(ସମିସ):** ସ୍ଥାନୀୟ ବାପୁଜୀ ଆଶ୍ରମ ସ୍ଥିତ ଗଞ୍ଜାମ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ରବିବାର ଏକ ନିର୍ବାଚନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି(ପୂର୍ବ) ସଭାପତି



ଦୀପକ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ରଶ୍ମି ରଞ୍ଜନ ପଟ୍ଟନାୟକ, ପାରଳାଖେମୁଣ୍ଡି ପ୍ରାର୍ଥୀ ବିଜୟ ପଟ୍ଟନାୟକ, ସମ୍ପାଦକ ଶାରଦା ସ୍ୱାଇଁ, ଚିକିଟି ବିଧାୟକ ପ୍ରାର୍ଥୀ ରବିନ୍ଦ୍ର ଦ୍ୟାନ ସାମନ୍ତରା, ଛତ୍ରପୁର ନେତା ଭାଗିରଥି ବେହେରା, ବୃନ୍ଦାବନ ଖଟେଇ, ବ୍ରହ୍ମପୁର ମହାନଗର ସଭାପତି ଅତୁଲ୍ୟ ପାଢ଼ୀ, ମହିଳା ସଭାନେତ୍ରୀ ବନଜା ପଣ୍ଡା, ଯୁବ ସଭାପତି ବିକାଶ ନାୟକ, ମିଡିଆ ସେଲ ଅଧ୍ୟକ୍ଷ ତତସତ୍ ସୁବୁଦ୍ଧି, ଭାସ୍କର ବାଙ୍ଗାରି, ପିସିସି ସାଧାରଣ ସମ୍ପାଦକ ନିରଞ୍ଜନ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏଆଇସିସି ସମ୍ପାଦକ ତଥା ଓଡ଼ିଶା ଇନଚ୍ଚାର୍ଜ ବିକାଶ ବୁଦେନିଆ ଓ ସାଧାରଣ ସମ୍ପାଦକ ପ୍ରଦୀପ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମହାନଗର ସଭାପତି ସୂଜୟ ଆଚାର୍ଯ୍ୟ, ଜିଲ୍ଲା ସାଧାରଣ ସମ୍ପାଦକ ମହେଶ୍ୱର ପାତ୍ର, ଇଜୁ ଅମିର ଖାନ୍, ଅତିଷ ଦଳାଇ, ନରେଶ ଘଡେଇ, ସିଦ୍ଧାର୍ଥ ଦଳାଇ, ମହେଶ ଗୌଡ଼, ବରିଷ୍ଠ ନେତା ପଦ୍ମ ସାହୁ, ବୁଟୀ ବାବୁ, ମହାନଗର ଯୁବ ସଭାପତି ସିଦ୍ଧାନ୍ତ ସାହୁଙ୍କ ସମେତ ସମସ୍ତ ଏନଏସି ଓ ବ୍ଲକ୍ ସଭାପତି ଏବଂ ଯୁବ ଛାତ୍ର ଓ ମହିଳା କଂଗ୍ରେସ କର୍ମୀ ମାନେ ଉପସ୍ଥିତ ଥିଲେ।

## ନିଖିଳ ଉତ୍କଳ ଦକ୍ଷିଣାଞ୍ଚଳ ଶୌଣ୍ଡିକ ସମାଜର ବୈଠକ

# ପୁରୀ ଓ ଭୁବନେଶ୍ୱରରେ ଶୁଣ୍ଢି ଭବନ ନିର୍ମାଣ ପାଇଁ ଆଲୋଚନା

**କଲ୍ୟାଣସିଂହପୁର,୮।୪(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ନାରାୟଣପୁର ରାମ ଲିଙ୍ଗେଶ୍ୱର ଶିବ ମନ୍ଦିର ନିକଟସ୍ଥ କଲ୍ୟାଣ ମଣ୍ଡପଠାରେ ଦକ୍ଷିଣାଞ୍ଚଳ ଶୌଣ୍ଡିକ ସମାଜର ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ସଭାପତି ମଙ୍ଗରାଜ ସାହୁ, ରାଜ୍ୟ ଭୀଷ୍ମ ପିତାମହ ଭରତ ମଣ୍ଡଳ, ରାୟଗଡ଼ା ଜିଲ୍ଲା ସଭାପତି ମାଳତୀ ଚୌଧୁରୀ, ଗଞ୍ଜାମ ଜିଲ୍ଲାର ସଭାପତି ନିରଞ୍ଜନ ସାହୁ, ଗଜପତି ଜିଲ୍ଲାର ସଭାପତି ଶ୍ରୀନୁ ସାହୁକାର, କୋରାପୁଟ ଜିଲ୍ଲା ସଭାପତି ସୁବାସ ଚନ୍ଦ୍ର ସେନାପତି, କଳାହାଣ୍ଡି ଜିଲ୍ଲା ସଭାପତି କଳାକାହ୍ନୁ ବେହେରା, ରାୟଗଡ଼ା ଜିଲ୍ଲା କାର୍ଯ୍ୟକାରିଣୀ ସଭାପତି ଚନ୍ଦ୍ରଶେଖର ବେହେରା ଓ ଲକ୍ଷ୍ମୀ ନାରାୟଣ ବିଷୋୟୀ ଯୋଗଦେଇଥିଲେ। ଏଥିରେ ଶୁଣ୍ଢିମାନଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ଓ ସଦସ୍ୟ ଆସନ୍ତା ଯୁବପିଢ଼ିର କାର୍ଯ୍ୟ ସହ ପୁରୀ ଓ ଭୁବନେଶ୍ୱରଠାରେ ଏକ ଶୁଣ୍ଢି ଭବନ ନିର୍ମାଣ ପାଇଁ ଅର୍ଥର ବ୍ୟବସ୍ଥା କିପରି କରାଯାଇପାରିବ ସେନେଇ ରାଜ୍ୟସ୍ତରରେ ଆଲୋଚନା କରାଯାଇ ଶୁଣ୍ଢି ଗରିବ ପରିବାର



ଜଗନ୍ନାଥ ଦର୍ଶନ ପାଇଁ ଗଲେ ଭବନରେ ରହିବା ସହ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ଆଲୋଚନା କରିଥିଲେ। ଏଥିରେ ରାୟଗଡ଼ା ଜିଲ୍ଲାର ପ୍ରତି ବ୍ଲକର ସଭାପତି, ସମ୍ପାଦକ ଓ ଅନ୍ୟ କର୍ମକର୍ତ୍ତା, ସକ୍ରିୟ ମହିଳା ସଦସ୍ୟମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲାର ସଭାପତି ମାଳତୀ ଚୌଧୁରୀ ଓ ସହଦେବ ସାହୁଙ୍କ ସହ ଅନ୍ୟମାନେ ପରିଚାଳନା କରିଥିଲେ।

# ଆମ୍ବେଦକରଙ୍କ ଜୟନ୍ତୀ ଉପଲକ୍ଷେ ରକ୍ତଦାନ ଶିବିର

**ସୁନାବେଡ଼ା,୮।୪(ସମିସ):** ଭାରତ ରତ୍ନ ଡ. ବାବା ସାହେବ ଆମ୍ବେଦକରଙ୍କ ୧୩୩ ତମ ଜୟନ୍ତୀ ପାଳନ ଉପଲକ୍ଷେ ହାଲ ଏସସି, ଏସଟି ଏମ୍ପ୍ଲଇଜ ଓ ଅଫିସର ଆସୋସିଏସନ୍ ପକ୍ଷରୁ ଜିଲ୍ଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମର ସହଯୋଗରେ ସୁନାବେଡ଼ାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ସୁନାବେଡ଼ା ସିଏଜି (ଗ୍ରାମ୍ୟ ଉନ୍ନୟନ)ର ଡିଭିଜନାଲ ଆକାଉଣ୍ଟସ୍ ଅଫିସର ନବ କିଶୋର ନାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ହାଲ୍ ହସ୍ପିଟାଲର ଚିକିତ୍ସାଧିକାରୀ ଡା. ପି. ରାଜେନ୍ଦ୍ର କୁମାର ଏବଂ ଡା. ତନୟା ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିବିର ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଡା. ପି. ରାଜେନ୍ଦ୍ର କୁମାର ଏବଂ ଡା. ତନୟା ଜେନା, ଆସୋସିଏସନର ସାଧାରଣ ସମ୍ପାଦକ ସୁବାସ ସେଠୀ, ସାଂଗଠନିକ ସମ୍ପାଦକ ଚନ୍ଦନ ସିଂ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହ ନିଜେ ଶିବିରରେ ରକ୍ତଦାନ କରିଥିଲେ। ଜିଲ୍ଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମର ବରିଷ୍ଠ କର୍ମକର୍ତ୍ତା ଶେଖ ଇବ୍ରାହିମ, ଡ. ଉମା ଶଙ୍କର ପ୍ରସାଦ ପାତ୍ର, ଗୋବିନ୍ଦ ବଲ୍ଲଭ ପାଢ଼ୀ ଏବଂ ଭାନୁ




ବେହେରା ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ। ଉକ୍ତ ଶିବିରରେ ଦୁଇଟି ଦମ୍ପତି ପ୍ରଶାନ୍ତ ବୁଦ୍ଧ ଓ ମମତା ମହାକୁଡ଼ ଏବଂ ତପନ କୁମାର ସିଂ ଓ ଜୟଶ୍ରୀ ନାୟକଙ୍କ ସମେତ ପୁଷ୍ପିତା କୁମାରୀ ବସନ୍ତରାୟ, ସୁନିତା ଖଡ଼ିଆ, ସୁରେନ୍ଦ୍ର ମାରାଣ୍ଡି, ଦୁର୍ଗା ରାଓ ଚନ୍ଦନା, ରଞ୍ଜିତ କୁମାର ପାଢ଼ୀ, ମନୋରଞ୍ଜନ ସେଠୀ, ମଧୁମନୁ ମୁର୍ମୁ, ବିଜୟ କୁମାର ପାତ୍ର, ବଳରାମ ଚମ୍ପିଆ, ବିଚା ଓରାମ, ଅମିତ୍ କୁମାର ଭୋମିକ, ମନୋଜ କୁମାର ସିର୍କା, ଲକ୍ଷ୍ମୀକାନ୍ତ ଖିଲୋଙ୍କ ସମେତ ସମୁଦାୟ ୪୨ ଜଣ ରକ୍ତଦାନ କରିଥିଲେ। କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲ ରକ୍ତକେନ୍ଦ୍ରର କର୍ମକର୍ତ୍ତା ବିସୟିନି ନାୟକ, ଭି. ଗଙ୍ଗାଧର, ଅଜିତ କୁମାର ଗୌଡ଼, ରବୀନ୍ଦ୍ର କୁମାର ମିଶ୍ର, ମହେଶ କୁମାର ଦତ୍ତ ଏବଂ ସୁଭ୍ରଜିତ ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ।

## ତୃତୀୟ ଦିନରେ ଧୋଡ୍ରା ମଣ୍ଡେଇ

# ମୀନାବଜାରରେ ଭିଡ଼, ମଣ୍ଡେଇ ପଡ଼ିଆ ଜନସମୁଦ୍ର

**ଧୋଡ୍ରା, ୮।୪(ସମିସ)**

ଧୋଡ୍ରାସ୍ଥିତ ହାଟପଦାରେ ଚାଲୁଥିବା ନବରଙ୍ଗପୁର ପ୍ରସିଦ୍ଧ ମା' ଙ୍ଗଲାଜାନୀଙ୍କ ପାରମ୍ପରିକ ମଣ୍ଡେଇ ଯାତ୍ରା ସୋମବାର ତୃତୀୟ ଦନରେ ପହଞ୍ଚିଛି। ତୃତୀୟ ଦିନରେ ଦୂରଦୂରାନ୍ତ ଗ୍ରାମରୁ ପାଲିଙ୍କିରେ ଆସିଥିବା ଦେବା ଦେବୀମାନଙ୍କର ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା ସମାପନ ପରେ ଭୋଗଲାଗି କରାଯାଇଥିଲା। ଗତବର୍ଷ ଅପେକ୍ଷା ଚଳିତବର୍ଷ ମଣ୍ଡେଇ ଜନସାଧାରଣଙ୍କୁ ଅଧିକ ଆକୃଷ୍ଟ କରିପାରିଥିବା ବେଳେ ସନ୍ଧ୍ୟା ସମୟରେ ଧୋଡ୍ରା ମଣ୍ଡେଇ ଯାତ୍ରା ପଡ଼ିଆ ଜନସମୁଦ୍ରରେ ପରିଣତ ହୋଇଥିବା ଦେଖିବାକୁ ମିଳିଥିଲା । ଚଳିତ ମଣ୍ଡେଇରେ ଦଶରା ପରି ଭିଡ ହୋଇଥିବା ମଧ୍ୟ ଦେଖିବାକୁ ମିଳିଥିଲା । ଲୋକେ କିଣାକିଣିରେ ମଜୁଥିବା ବ୍ୟବସାୟୀ ଭଲ ଦି ପଇସା ଲାଭ କମାଉଛନ୍ତି । ଏଥର ମଣ୍ଡେଇରେ ୮୦୦ରୁ ଅଧିକ ଷ୍ଟଲ ସାମିଲ



ହୋଇଛନ୍ତି।

ଏଥର ପରିଚାଳନା କମିଟି ତରଫରୁ ମୀନାବଜାର ଲଗାଯାଇଛି । ଉକ୍ତ ମୀନାବଜାରରେ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ସଂସ୍ଥାଗୁଡିକ ସାମିଲ ହୋଇଛନ୍ତି। ସୁଦୂର ପଶ୍ଚିମ ବଙ୍ଗରୁ ଆସିଥିବା ରାମ ଦୋଳିରେ ଦର୍ଶକେ ବସି ବେଶ୍ ମଜା ନେଉଛନ୍ତି । ଛୋଟ ପିଲାମାନେ ଟୟ ଟ୍ରେନ୍, ଟୋରା ଟୋରା ଆଉ ବ୍ରେକ୍ ଡ୍ୟାନ୍ସ ଦୋଳିରେ ବସି ଭରପୂର ମଜା ନେଉଛନ୍ତି। କ୍ରାଫ୍ଟ ବଜାର ନିକଟରେ ପ୍ରବଳ ଭିଡ଼ ହେଉଛି । ବିଶେଷକରି ଗୃହିଣୀ ଓ ଯୁବତୀମାନଙ୍କର ଭିଡ଼ ଏଠାରେ ଦେଖିବାକୁ ମିଳୁଛି। ମୀନାବଜାର ବୁଲା ସାଙ୍ଗକୁ ମଣ୍ଡେଇ ପଡ଼ିଆରେ ଚଟପଟା ଖାଦ୍ୟର ମଜା ନେଉଛନ୍ତି ଦୂର ଦୂରାନ୍ତରୁ ଆସିଥିବା ଯୁବକ ଯୁବତୀ । କେବଳ ଚଟପଟା ଖାଦ୍ୟ ନୁହଁ ଘରକରଣା ପସରା ପାଖେ ମଧ୍ୟ ଗୃହିଣୀମାନଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି । ଜିଲ୍ଲା ବାହାରୁ ଆସିଥିବା କମାର କାରିଗରମାନେ ଆଣିଥିବା କଟୁରି, ଶାବଳ, କୁରାଢ଼ି, କୋଡ଼ି ଆଦି କିଣିବା ପାଇଁ ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳୁଛି। ପ୍ରତିଦିନ ରାତିରେ ଦେଶିଆ ନାଟ ଅନୁଷ୍ଠିତ ହେଉଥିବା ବେଳେ ଯାହାକୁ ଦେଖିବା ପାଇଁ ସ୍ଥାନୀୟ ଲୋକେ ସନ୍ଧ୍ୟା ସମୟରୁ ନିଜ ନିଜ ସ୍ଥାନ ସଂରକ୍ଷଣ କରିବାରେ ଲାଗି ପଡୁଛନ୍ତି । ସୂଚନା ଅନୁଯାୟୀ, ଚଳିତବର୍ଷର ମଣ୍ଡେଇ ଆସନ୍ତା ବୁଧବାର ଯାଏଁ ଚାଲିବା ନେଇ କମିଟି ତରଫରୁ ସୂଚନା ରହିଛି ।

